
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୬ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 16 DECEMBER 2023
Vol.No. 34 ■ No. 329■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେଡି ନେତା ଓ କର୍ମୀଙ୍କୁ ୫ଟି ଅଧ୍ୟକ୍ଷଙ୍କ ସମ୍ବୋଧନ

# ମୁଁ ନିର୍ବାଚନ ଲଢ଼ିବିନି, ଜନସେବା ମୋର ଲକ୍ଷ୍ୟ



ଭୁବନେଶ୍ୱର, ୧୫ /୧୨ (ନି.ପ୍ର): କ୍ଷମତାସୀନ ବିଜେଡିର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଭିକେ ପାଣ୍ଡିଆନଙ୍କ ଡେବ୍ୟୁ ହୋଇଛି । ପାଣ୍ଡିଆନ ଆଗାମୀ ସାଧାରଣ ନିର୍ବାଚନ ଲଢ଼ିବେ ନାହିଁ ବୋଲି ନିଜଆଡୁ ଘୋଷଣା କରିବା ସହ ନବୀନ ପଟ୍ଟନାୟକଙ୍କୁ ସେ ନିଜର 'ଗୁରୁ' ଓ 'ବାପା' ସମ୍ବୋଧନ କରିଛନ୍ତି । କାର୍ଯ୍ୟକାରିଣୀ ବୈଠକରେ ପାଣ୍ଡିଆନଙ୍କ ଶାନଦାର ଢଙ୍ଗରେ ଏଣ୍ଟ୍ରି କରିଥିଲେ । ପାଣ୍ଡିଆନଙ୍କ ସଫଳତାର କାହାଣୀକୁ ଦଳ ପକ୍ଷରୁ ଏକ ଭିଡିଓ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏହାପରେ ପ୍ରାୟ ୧୦ମିନିଟ୍ ଧରି ସଂଗଠନକୁ ସୁଦୃଢ଼ କରିବାକୁ ଗୁରୁମନ୍ତ୍ର ଦେଇଥିଲେ ପାଣ୍ଡିଆନ । ପ୍ରଥମଥର ପାଇଁ ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ପାଣ୍ଡିଆନଙ୍କ ଡେବ୍ୟୁକୁ ଉପସ୍ଥିତ ନେତାମାନେ ଜୋରଦାର ଢଙ୍ଗରେ ତାଳି ମାରି ସ୍ୱାଗତ କରିଥିଲେ । ଦଳର କୌଣସି ପଦପଦବୀରେ ନଥାଇ ମଧ୍ୟ ପାଣ୍ଡିଆନ ଯେ ବିଜେଡି ଓ ନବୀନଙ୍କ ଉତ୍ତରାଧିକାରୀ ତାହା ଆଜିର କାର୍ଯ୍ୟକାରିଣୀରେ ସ୍ପଷ୍ଟ ସନ୍ଦେଶ ମିଳିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଶଙ୍ଖ ଭବନରେ ଆଜି ଦଳର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବୋଧିତ କରି ଓଡ଼ିଶାବାସୀଙ୍କ ସହ ଯୋଡ଼ି ହୋଇ ରହିବା ନିମନ୍ତେ ଦଳୀୟ ପଦାଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ପରିଚାଳନାରେ ବୈଠକ ଆରମ୍ଭ ହୋଇଥିଲା ଓ ଶେଷରେ ବରିଷ୍ଠ ଉପସଭାପତି ଅନଙ୍ଗ ଉଦୟ ସିଂହଦେଓ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ୧୧ଟି ରାଜନୀତିକ ପ୍ରସ୍ତାବ ସମେତ ଅନ୍ୟାନ୍ୟ ପ୍ରସ୍ତାବ ପାରିତ ହୋଇଥିଲା । ଏହା ପରେ ଦଳ ପକ୍ଷରୁ ପ୍ରସ୍ତୁତ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା । ଯାହାକି ସମ୍ପୂର୍ଣ୍ଣ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଭିକେ ପାଣ୍ଡିଆନଙ୍କ ସଫଳତା ଉପରେ ଉଦ୍ଦିଷ୍ଟ ଥିଲା । ଏହି ଭିଡିଓ ସରିବା ପରେ 'ଜୟ ଜଗନ୍ନାଥ' କହି ମଂଚକୁ ଚଢ଼ିଥିଲେ ପାଣ୍ଡିଆନ । ଆଜି ଆଇଏଏସ୍ ପରୀକ୍ଷାର ଇଣ୍ଟରଭ୍ୟୁ ଦେବା ଭଳି ଲାଗୁଛି କହି ନିଜଆଡୁ କେତେକ କଥାର ସ୍ପଷ୍ଟୀକରଣ ରଖିଥିଲେ । ସେ ନିର୍ବାଚନ ଲଢ଼ିବେ କି ନାହିଁ ବୋଲି ତାଙ୍କୁ ଦଳର ନେତାମାନେ ପଚାରୁଛନ୍ତି । ମାତ୍ର ସେ ନିର୍ବାଚନ ଲଢ଼ିବେ ନାହିଁ ଓ ରାଜ୍ୟର ୧୪୭ ଆସନରେ ଲଢୁଥିବା ନେତାମାନଙ୍କ ପଛରେ ରହି ଦଳ ପାଇଁ କାର୍ଯ୍ୟ କରିବେ ବୋଲି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ▶▶ପୃଷ୍ଠା ୭

# ରାଧିକାଙ୍କୁ ମିଳିଲା ନିଯୁକ୍ତି: ଗୋଟିଏ ପଦବୀରେ ୨ ବରିଷ୍ଠ ଆଇପିଏସ୍




ଭୁବନେଶ୍ୱର, ୧୫ /୧୨ (ନି.ପ୍ର): କେନ୍ଦ୍ରୀୟ ଡେପୁଟେସନରୁ ଫେରି ନିଯୁକ୍ତି ଅପେକ୍ଷାରେ ଥିବା ୧୯୮୯ ବ୍ୟାଚ୍ ଆଇପିଏସ୍ ବି.ରାଧିକାଙ୍କୁ ଆଜି ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ଆଉ ଏହି ନିଯୁକ୍ତି ସହ ଗୋଟିଏ ପଦବୀରେ ୨ଜଣ ବରିଷ୍ଠ ଆଇପିଏସଙ୍କୁ ଅବସ୍ଥାପିତ କରାଯାଇଛି । ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏଭଳି ଉଲ୍ଲେଖ ରହିଛି । ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ବି.ରାଧିକାଙ୍କୁ ଆଜି ପୁଲିସ ରିକ୍ରୁଟମେଂଟ ବୋର୍ଡ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି । ଏହି ପଦବୀ ସହ ରାଧିକାଙ୍କୁ ଓଡ଼ିଶା ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବ୍ରୋଟୋରୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବ୍ରୋଟୋରୀର ନିର୍ଦ୍ଦେଶକ ଭାବେ ଏବେ ୨୦୦୪ ଆଇପିଏସ୍ ଆଶୀଷ କୁମାର ସିଂ କାର୍ଯ୍ୟରତ ଅଛନ୍ତି । ରାଜ୍ୟ ସରକାରରେ ପାୱାରଫୁଲ ଆଇପିଏସ୍ ଭାବେ ଜଣାଶୁଣା ଶ୍ରୀ ସିଂ ଏବେ ସେଂଟ୍ରାଲ ରେଞ୍ଜ ଆଇଜି ଅଛନ୍ତି । ସେ ଅତିରିକ୍ତ ଭାବେ ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବ୍ରୋଟୋରୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି । ଆଜି ସରକାର ପୁଣି ତାଙ୍କୁ ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ସେ ନିଜର ପୂର୍ବ ଦାୟିତ୍ୱ ସହ ଏହି ନୂଆ ଦାୟିତ୍ୱ ତୁଲାଇବେ । ଆଉ ସେ ସିଇଓ ଭାବେ ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ସିଏମଡି)ଙ୍କୁ ରିପୋର୍ଟ କରିବେ । ସେହିପରି ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର (ଆଇଜି ପ୍ରଶିକ୍ଷଣ) ୨୦୦୧ ବ୍ୟାଚ୍ ଆଇପିଏସ୍ ▶▶ପୃଷ୍ଠା ୭

# ୪୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ



ସାଲେପୁର, ୧୫/୧୨ (ନି.ପ୍ର): ସାଲେପୁର ବ୍ଲକର ସହକାରୀ ଯନ୍ତ୍ରୀ ବିଭୁତି ଭୂଷଣ ନାୟକ ଭିଜିଲାନ୍ସ ଜାଲରେ। ବିଲ ପାସ କରାଇ ଦେବା କହି ଠିକାଦାରଙ୍କ ଠାରୁ ୪୦ ହଜାର ଟଙ୍କା ଲାଞ୍ଚନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ। ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସାଲେପୁର ବ୍ଲକର ସହକାରୀ ଯନ୍ତ୍ରୀ ବିଭୂତିଭୂଷଣ ନାୟକ। ସେ ଜଣେ ଠିକାଦାରଙ୍କ ଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ବିଲ୍ ପାସ୍ କରି ଦେବା ପାଇଁ ସେ ଏହି ଟଙ୍କା ନେଇଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ବିଲ୍ ପାସ୍ କରିବା ପାଇଁ ସହକାରୀ ଯନ୍ତ୍ରୀ ବିଭୂତିଭୂଷଣ ନାୟକ ଲାଞ୍ଚ ମାଗିବା ପରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ସଂପୃକ୍ତ ଠିକାଦାର। ତା'ପରେ ଯୋଜନାବଦ୍ଧ ଭାବେ ତାଙ୍କୁ ଆଜି ଧରିଥିଲା ଭିଜିଲାନ୍ସ। ଠିକାଦାରଙ୍କ ଠାରୁ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ବିଭୂତିଭୂଷଣ ନାୟକଙ୍କୁ ଧରିଥିଲେ। ଏଥିପାଇଁ ଭିଜିଲାନ୍ସ ଏକ ୭ ଜଣିଆ ଟିମ୍ ଗଠନ କରିଥିଲା।

## ଫେବୃଆରୀ ୧୬ରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୧୫ /୧୨ (ନି.ପ୍ର): ଆସନ୍ତା ବର୍ଷ ଫେବ୍ରୁଆରୀ ୧୬ରୁ ଆରମ୍ଭ ହେବ ଯୁକ୍ତ ୨ ପରୀକ୍ଷା । ଫେବ୍ରୁଆରୀ ୧୬ରୁ ଆରମ୍ଭ ହେବାକୁ ଥିବା ଏହି ପରୀକ୍ଷା ମାର୍ଚ୍ଚ ୨୦ ଯାଏଁ ଚାଲିବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏନେଇ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଫେବ୍ରୁଆରୀ ୧୬ରୁ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଆରମ୍ଭ ହେବ । ଏହା ପର ଦିନ ଅର୍ଥାତ ୧୭ ତାରିଖରୁ ବାଣିଜ୍ୟ ଓ କଳା ପରୀକ୍ଷା ଆରମ୍ଭ ହେବ। ଏହାବାଦ ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା ଜାନୁୟାରୀ ୨ରୁ ୨୦ ତାରିଖ ଯାଏ ଚାଲିବ । ଏନେଇ ପୂର୍ବରୁ କାଉନସିଲ ତରଫରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଆସନ୍ତାବର୍ଷ ଫେବ୍ରୁଆରୀ ୨୦ରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ମଧ୍ୟ ହେବ ।

# ଆଉ ୫ବର୍ଷ ବଢ଼ିଲା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅବଧି



ଭୁବନେଶ୍ୱର, ୧୫ /୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ପରେ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଅବଧିକୁ ଆଜି ଆଉ ୫ବର୍ଷ ବୃଦ୍ଧି କରିଛନ୍ତି। ଏବାବଦରେ ରାଜ୍ୟ ସରକାର ୧୨୫୦କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଅବଧିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁୟାରୀ ୧ରୁ ୨୦୨୮ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଜସ୍ୱ ଯୋଜନାରେ ୧୦ଲକ୍ଷ ହିତାଧିକାରୀ ମାସକୁ ମୁଣ୍ଡପିଛା ୫କିଲୋ ▶▶ପୃଷ୍ଠା ୭

# ଅର୍ଚ୍ଚନାକୁ ହତ୍ୟା ଧମକ: କହିଲେ- ମୁଁ ଡରିବା ପିଲା ନୁହଁ, ସତ୍‌ରେ ଅଛି



ଭୁବନେଶ୍ୱର, ୧୫ /୧୨ (ନି.ପ୍ର): ବ୍ଲାକମେଲିଂ, ହନିଟ୍ରାପ୍ ମାମଲାରେ ଛନ୍ଦି ହୋଇ ୧୪ ମାସ ପରେ ଜେଲ୍‌ରେ ରହି ବାହାରିଥିବା ଅର୍ଚ୍ଚନା ନାଗଙ୍କୁ ନେଇ ପୁଣି ଥରେ ଆରମ୍ଭ ହୋଇଛି ଚର୍ଚ୍ଚା। ଅର୍ଚ୍ଚନା ନାଗଙ୍କୁ ମିଳିଛି ହତ୍ୟା ଧମକ । ତେବେ ଏହି ଧମକରେ ମୁଁ ଡରିବା ପିଲା ନୁହେଁ ବୋଲି ରୋକଠୋକ କହିଛନ୍ତି ଅର୍ଚ୍ଚନା। ଆଇନ୍ ଛାତ୍ରୀ ଅର୍ଚ୍ଚନା ନାଗ ପରୀକ୍ଷା ଦେବାକୁ ଆଜି ସକାଳେ ସ୍ୱାମୀଙ୍କ ସହ ଲ' କଲେଜ ଆସିଥିଲେ। ମାତ୍ର କଲେଜରେ ପହଞ୍ଚିବା ପରେ ଦୁଇ ଯୁବକ ପହଞ୍ଚି ରାସ୍ତା ଉପରେ ତାଙ୍କୁ ତଥା ପରୀକ୍ଷା ସଦସ୍ୟଙ୍କୁ ହତ୍ୟା ଧମକ ଦେଇଥିବା କହିଛନ୍ତି ଅର୍ଚ୍ଚନା। ଏଥିସହ ମିଥ୍ୟା କେସ୍‌ରେ ଫସାଇଦେବାକୁ ବି ଚେତାବନୀ ଦେଇଛନ୍ତି। ପରୀକ୍ଷା ଶେଷ ପରେ ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତର ଦେଇ ଅର୍ଚ୍ଚନା କହିଛନ୍ତି, ମୁଁ ଆଜି ପରୀକ୍ଷା ଦେବାକୁ ଆସୁଥିବା ବେଳେ ୨ ଅଜଣା ଯୁବକ ମୋତେ ଧମକ ଦେଇଛନ୍ତି । ମୁଁ ଜେଲ୍‌ରୁ ବାହାରିବା ବେଳେ ଶାନ୍ତିରେ ରହିବାକୁ ଚାହୁଁଛି ବୋଲି କହିଥିଲି। ମାତ୍ର ମୋର ଉନ୍ନତିକୁ ବହୁ ଲୋକ ସହି ନ ପାରି ଏପରି କାମ କରୁଛନ୍ତି। ହେଲେ ମୁଁ ଡରିବା ପିଲା ନୁହେଁ। ସବୁବେଳେ ସମସ୍ତଙ୍କୁ ସାମନା କରିଛି। ଯାହାର ସାହସ ଅଛି ସାମନା ପଟୁ ମୋତେ ଛୁରା ମାଡ଼ କରନ୍ତୁ। ମୁଁ ସତ୍‌ରେ ଅଛି ସତ ମୋ' ଶକ୍ତି, ତାହା ହିଁ ମୋ' ଅସ୍ତ୍ର ବୋଲି କହିଛନ୍ତି ▶▶ପୃଷ୍ଠା ୭

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ କଗନିଜାଣ୍ଟର ସିଇଓ ଏବଂ ନାସକମର ଚେୟାରମ୍ୟାନ୍



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫/୧୨ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଜି ନୂଆଦିଲ୍ଲୀ ଠାରେ ସୂଚନା ପ୍ରଯୁକ୍ତିବିଦ୍ୟା ଆଧାରିତ କମ୍ପାନୀ କଗନିଜାଣ୍ଟର ସିଇଓ ରବି କୁମାର ଏବଂ ନାସକମର ଚେୟାରମ୍ୟାନ ରାଜେଶ ନମ୍ବିଆର୍ ଭେଟି ଡିଜିଟାଲ ପରିସଂସ୍ଥାନରେ ଯୁବପିଢିଙ୍କ ପାଇଁ ସୁଯୋଗ ତିଆରି କରିବା ସହ ପରିବର୍ତ୍ତିତ ଦୁନିଆରେ ଟେକ୍ନୋଲୋଜିର ଉପଯୋଗ ଓ ପ୍ରୋତ୍ସାହନ ଉପରେ ଆଲୋଚନା କରିଛନ୍ତି । ଏହି ବୈଠକରେ ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତ ଯୁବଶକ୍ତିର ଦେଶ । ଯୁବଶକ୍ତି ଯେତେ ସଶକ୍ତ ହେବେ ସେତେ ଦେଶର ବିକାଶ ହେବ । ଏହି ମର୍ମରେ ଆଜି ଭାରତ ନିଜର ଯୁବଶକ୍ତିଙ୍କୁ ସଶକ୍ତ କରିବାକୁ ସଂକଳ୍ପ ନେଇଛି । ଭାରତର ପ୍ରତିଭାବାନ ଯୁବଶକ୍ତିଙ୍କ ସ୍କିଲ୍ ଆବଶ୍ୟକତାକୁ ପୂରଣ କରାଯାଉଛି। ସେମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ସବୁପ୍ରକାର ପଦକ୍ଷେପ ନିଆଯାଉଛି । ଯୁବଶକ୍ତିଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ସେମାନଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲ ମାଧ୍ୟମରେ ୨୦୪୭ ସୁଦ୍ଧା ବିକଶିତ ଭାରତର କଳ୍ପନାକୁ ସାକାର କରିବା ଦିଗରେ ଆମେ ପ୍ରଚେଷ୍ଟା କରିବା ଆବଶ୍ୟକ । ଶିଳ୍ପର ଆବଶ୍ୟକତା ଓ ଭବିଷ୍ୟତ ଭିତ୍ତିକ ମାନବ ସମ୍ବଳ ପ୍ରସ୍ତୁତ କରିବା ପାଇଁ ଏନଏସଡିସି ସହ ସହଯୋଗୀ ହୋଇ ଏକ ଡିଜିଟାଲ ଆପ୍ରେଣ୍ଟିସ ରୂପରେଖ ପ୍ରସ୍ତୁତ କରିବା ପାଇଁ କଗନିଜାଣ୍ଟ ଓ ନାସକମକୁ ପ୍ରୋତ୍ସାହିତ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ନିକଟରେ ଜାତୀୟ ଆପ୍ରେଣ୍ଟିସ-ସିପ୍ ପ୍ରୋତ୍ସାହନ ଯୋଜନା (ଏନ୍ଏପିଏସ୍)ରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବା ଡିବିଟିର ଶୁଭାରମ୍ଭ ମଧ୍ୟ ହୋଇଛି । ମୋଦି ସରକାର ଆସିବା ପରେ ପାରଦର୍ଶୀ ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଛି । ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିବା ପରେ ନଗଦ ଅର୍ଥକୁ ଲାଭାର୍ଥୀଙ୍କ ସିଧାସଳଖ ବ୍ୟାଙ୍କ ଖାତାରେ ଦେବା ପାଇଁ ଯୋଜନା ହୋଇଛନ୍ତି । ଏହି ସଂସ୍କାର ଦ୍ୱାରା ମୁଦ୍ରା ଯୋଜନା, ପିଏମ କିଷାନ ସମ୍ମାନ ନିଧି ଭଳି ଅନେକ ଯୋଜନାରେ ଲାଭାର୍ଥୀମାନେ ସିଧାସଳଖ ଟଙ୍କା ପାଇ ବିଶେଷ ଲାଭବାନ ହୋଇଛନ୍ତି। ଏହି ଯୋଜନା ଆମର ଯୁବବର୍ଗଙ୍କ ପାଇଁ ଆପ୍ରେଣ୍ଟିସ-ସିପ୍ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଷ୍ଟାଇପେଣ୍ଡ୍ ବିତରଣରେ ସ୍ୱଚ୍ଛତା ବା ପାରଦର୍ଶୀକୁ ସୁନିଶ୍ଚିତ କରିଛି । ଜାତୀୟ ଆପ୍ରେଣ୍ଟିସ-ସିପ୍ ପ୍ରୋତ୍ସାହନ ଯୋଜନାରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୫ ଲକ୍ଷ ଯୁବକ ଯୁବତୀମାନେ ଏହାର ଲାଭାର୍ଥୀ ହୋଇଥିବା ବେଳେ ଚଳିତବର୍ଷ ଅତିରିକ୍ତ ୧୦ ଲକ୍ଷ ଯୁବକ ଯୁବତୀଙ୍କୁ ଏଥିରେ ଯୋଡିବାର ଲକ୍ଷ୍ୟ ରଖାଯାଇଛି । ▶▶ପୃଷ୍ଠା ୭

## ସଂସଦରେ ଗ୍ୟାସ୍ ସ୍ପ୍ରେ ଘଟଣା: ମାଷ୍ଟର ମାଇଣ୍ଡ ଲଳିତକୁ ରିମାଣ୍ଡରେ ନେଲା ପୁଲିସ

ନୂଆଦିଲ୍ଲୀ, ୧୫/୧୨ : ଲୋକସଭାରେ ହଙ୍ଗାମା କରିବା ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ କୁହାଯାଉଥିବା ଲଳିତ ଝା କୁ ରିମାଣ୍ଡରେ ନେଲା ପୁଲିସ। ଆଜିଠୁ ଲଳିତକୁ ସାତ ଦିନିଆ ରିମାଣ୍ଡରେ ନେଇଛି ଦିଲ୍ଲୀ ପୁଲିସ। ପଟିଆଲା ହାଉସ୍ କୋର୍ଟଙ୍କ ଅନୁମତି କ୍ରମେ ଲଳିତକୁ ସାତ ଦିନ ରିମାଣ୍ଡରେ ନେଇଛି ପୁଲିସ। ଲୋକସଭାରେ ଗ୍ୟାସ୍ ସ୍ପ୍ରେ ଘଟଣା ପରଠୁ ଫେରାର୍ ଥିଲା ଲଳିତ ଝା। ଅନ୍ୟ ଚାରି ଅଭିଯୁକ୍ତ ଧରା ପଡିଥିଲେ ମଧ୍ୟ ଫେରାର୍ ରହିଥିଲା ଲଳିତ। ଲଳିତ ନିକଟରେ ଗିରଫ ଚାରି ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ରହିଥିଲା। ସେ ପ୍ରମାଣ ନଷ୍ଟ କରି ଦେଇଥିବା ସନ୍ଦେହ କରାଯାଉଥିଲା। ପ୍ରମାଣ ପାଇଁ ଲଳିତକୁ ଖୋଜାଖୋଜି କରୁଥିଲା ଦିଲ୍ଲୀ ପୁଲିସର ସ୍ପେଶାଲ୍ ସେଲ୍। ଲଳିତ ସମେତ ଗିରଫ ହୋଇଥିବା ଅନ୍ୟ ଚାରି ଜଣଙ୍କ ବିରୋଧରେ ଟଇଚଇ ଆକ୍ଟରେ ମାମଲା ରୁଜୁ କରି ଖୋଳତାଡ ଜାରି ରଖିଥିଲା ପୁଲିସ। ଶେଷରେ ନିଜ ଆଡୁ ଦିଲ୍ଲୀର କର୍ତ୍ତବ୍ୟପଥ ଥାନାରେ ଆତ୍ମସମର୍ପଣ କରିଥିଲା ଲଳିତ। ଏହାପରେ ଜେରା କରି ସାତ ଦିନ ରିମାଣ୍ଡରେ ନେଇଛି ପୁଲିସ। ବୁଧବାର ଲୋକସଭାରେ ଶୂନ୍ୟକାଳ ଚାଲିଥିବା ସମୟରେ ଦୁଇ ଜଣ ଯୁବକ ସଂସଦ କୁ ପ୍ରବେଶ କରି ଗ୍ୟାସ୍ ସ୍ପ୍ରେ କରିଥିଲେ।

# ରାଜସ୍ଥାନରେ ଆରମ୍ଭ ହେଲା ଭଜନ ରାଜ୍: ମୁଖ୍ୟମନ୍ତ୍ରୀ ଭାବେ ନେଲେ ଶପଥ



ରାଜସ୍ଥାନ, ୧୫/୧୨ (ନି.ପ୍ର): ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନବନିର୍ବାଚିତ ବିଧାୟକ ଭଜନ ଲାଲ ଶର୍ମା। ଆଜି ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି ଭଜନ ଲାଲ। ରାଜ୍ୟପାଳ କଲରାଜ ମିଶ୍ରା ତାଙ୍କୁ ଶପଥ ପାଠ କରାଇଛନ୍ତି। ଭଜନ ଲାଲଙ୍କ ସମେତ ଦୀୟା କୁମାରୀ ଓ ପ୍ରେମଚାନ୍ଦ ବୈରୱା ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶପଥ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଞ୍ଚ ଉପରେ ଉପସ୍ଥିତ ଥିଲେ। ତାଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ସାମିଲ ଥିଲେ। ରାଜସ୍ଥାନର ଜୟପୁରସ୍ଥିତ ଐତିହାସିକ ଆଲବର୍ଟ ହଲ୍‌ରେ ଶପଥ ଗ୍ରହଣ ସମାରୋହର ଆୟୋଜନ କରାଯାଇଥିଲା। ରାଜଧାନୀ ରାୟପୁରରେ ଗତ ଗୁରବାର ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ପରେ ▶▶ପୃଷ୍ଠା ୭

# ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି କର୍ମଶାଳା

କନ୍ଧମାଳ, ୧୫/୧୨ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, କନ୍ଧମାଳ ଆନୁକୁଲ୍ୟରେ ଗୁରୁବାର ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ନେଇ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ମାର୍ଗଦର୍ଶନରେ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ଏହାକୁ ପରିଚାଳନା କରିଥିଲେ। ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ପ୍ରଭୁ ପ୍ରସାଦ ମହାରଣା ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ତଥା ଏହାର ବିଭିନ୍ନ ପ୍ରକ୍ରିୟା ବିଷୟରେ ପୁଙ୍ଖନପୁଙ୍ଖ ଭାବେ ବୁଝାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୨୦୦ ଗ୍ରାମରେ ଏହି ଯୋଜନା ପ୍ରସ୍ତୁତି ଶେଷ ହୋଇଅଛି। ଚଳିତ ବର୍ଷ, ୯ଟି ବ୍ଲକର ୫୦ଟି ଗ୍ରାମପଂଚାୟତ ଅଧିନସ୍ଥ ୨୦୦ଟି ନୂଆ ଗ୍ରାମ ଚୂଡାନ୍ତ ହୋଇଅଛି। ଏହି କର୍ମଶାଳାରେ ବିପର୍ଯ୍ୟୟ ମୂଲ୍ୟାଙ୍କନ, ପରିସ୍ଥିତି ବିଶ୍ଳେଷଣ, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ଗୋଷ୍ଠୀ ଯୋଗଦାନ କୌଶଳ ଉପରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ପରିସ୍ଥିତିରେ ବିଭିନ୍ନ ବିପର୍ଯ୍ୟୟ ପରିଚାଳନା ଦଳ ଯଥା ପ୍ରାରମ୍ଭିକ ଏବଂ ପ୍ରସାରଣ ଦଳ, ରିଲିଫ ଏବଂ ସମନ୍ୱୟ ଦଳ, ଶବ ନିଷ୍କାସନ ଦଳ, ଟ୍ରାଉମା କାଉନସେଲିଂ ଦଳ, କ୍ଷୟକ୍ଷତି ଆକଳନ ଦଳର କାର୍ଯ୍ୟକାରିତା ଉପରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ମାନଙ୍କୁ ନିଜ ଗ୍ରାମ ଅନୁଯାୟୀ ବ୍ୟାପକ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ଜିଲ୍ଲାସ୍ତରୟ ଅଧିକାରୀ, ବିଭାଗୀୟ ପଦାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଓ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରଞ୍ଜନ କୁମାର ମାର୍ଥା ଧନ୍ୟବାଦ୍ ଅର୍ପଣ କରିଥିଲେ।

# କୋଟିରେ ବିମାନ ଚଳାଚଳ ତାଲିମ ନେବେ ୧୭ ପ୍ରଶିକ୍ଷକ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଦକ୍ଷତା ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆଭିଯାନରେ, (ନୂତନ ଉନ୍ନତ ଅଭିଳାଷା ) ନୂଆ ଓଡିଶା ସହିତ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର ୧୭ ଜଣ ଆଶାୟୀ ବ୍ୟକ୍ତିଙ୍କୁ ବାର୍ଡ ଏକାଡେମୀରେ ବିମାନବନ୍ଦର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଟ୍ରେନିଂ ପାଇଁ କେରଳର କୋଚିକୁ ପଠାଇଛନ୍ତି ।

ଏହି ବିସ୍ତୃତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୭୦ ଦିନ ବ୍ୟାପି ଚାଲିବ। ୯୦ ଦିନର ତତ୍ୱ ଭିତ୍ତିକ ନିର୍ଦ୍ଦେଶାବଳୀ ସହିତ ୧୮୦ ଦିନ ଅନ-ଜବ୍ ଟ୍ରେନିଂ ଅନ୍ତର୍ଭୁକ୍ତ । ଭୁବନେଶ୍ୱରରେ ବାର୍ଡ ଏକାଡେମୀର ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ଏକ ଯନିଶୀଳ ସାକ୍ଷାତକାର ଏବଂ ବ୍ୟକ୍ତିଗତ ପରୀକ୍ଷଣ ମାଧ୍ୟମରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ୧୭ ଜଣ ପ୍ରାର୍ଥୀଙ୍କୁ ବଛା ଯାଇଥିଲା। ନୂଆ ଓଡିଶା କାର୍ଯ୍ୟକ୍ରମ ଅଧୀନରେ ଏହି ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ତାଲିମ, ରହଣି, ବୋର୍ଡିଂ ଏବଂ ଭ୍ରମଣ ସହ ଜଡିତ ସମସ୍ତ ଖର୍ଚ୍ଚ ସ୍କିଲ୍ ଡେଭଲପମେଂଟ ବହନ କରିବ ଅଧିକନ୍ତୁ ବାର୍ଡ ଏକାଡେମୀ ଏହି ବିଶେଷ ବିମାନ ଚଳାଚଳ ଚାକିରିରେ ତାଲିମପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛି। ଏହି ପଦକ୍ଷେପ କେବଳ ଦକ୍ଷତା ବିକାଶ ପାଇଁ ଏକ ପ୍ରତିବଦ୍ଧତାକୁ ସୂଚିତ କରେ ନାହିଁ ବରଂ ପ୍ରତିଭା ପ୍ରତିପୋଷଣ ତଥା ଓଡିଶାର ଯୁବକମାନଙ୍କୁ ବିମାନ ଚଳାଚଳ କ୍ଷେତ୍ରରେ ନୂତନ ଉଚ୍ଚତାକୁ ବୃଦ୍ଧି ପାଇଁ ସୁଯୋଗ ଯୋଗାଇବାରେ ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତତାକୁ ସୂଚିତ କରେ।

ଆଗାମୀ ତିନିବର୍ଷ ମଧ୍ୟରେ ଉଦୀୟମାନ ଶିଳ୍ପରେ ଅତି କମରେ ବାର୍ଷିକ ଏକ ଲକ୍ଷ ଯୁବକଙ୍କୁ ଦକ୍ଷତା ହାସଲ କରିବାକୁ ନୂଆ ଓଡିଶା ଲକ୍ଷ୍ୟ ରଖିଛି । ଶିଳ୍ପ ସଂଯୋଗ ସହିତ ନିଯୁକ୍ତିକୁ ବଢାଇବା ପାଇଁ ଯୁବକମାନଙ୍କୁ ଉଚ୍ଚ-ଗୁଣାତ୍ମକ ତାଲିମ ପ୍ରଦାନ କରାଯିବ।

# ରଂଜିତ ପାତ୍ର ହେଲେ ରାଜ୍ୟ ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଯୁବନେତା ରଂଜିତ ପାତ୍ରଙ୍କୁ ରାଜ୍ୟ ଯୁବ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି ସାଗର ଦାସ ଓ କୃଷ୍ଣ ମହାନ୍ତି ଯୁବ କଂଗ୍ରେସ ଉପସଭାପତି ପାଇଛନ୍ତି। ଏଆଇସିସି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗୁରୁବାର ଦିନ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ବିଭି ଶ୍ରୀନିଭାସ ଦିଲ୍ଲୀସ୍ଥିତ ଅଖିଳ ଭାରତ ଯୁବ କଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଭାବରେ ରଂଜିତ ପାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ ଜୀ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ଗାନ୍ଧୀ ଏବଂ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଜୀଙ୍କ ନେତୃତ୍ୱ ଓ ଆଦର୍ଶକୁ ଆଧାର କରି ନିଷ୍ଠାର ସହ ଯୁବ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ଶ୍ରୀନିଭାସ ଶ୍ରୀ ପାତ୍ରଙ୍କୁ ନିଯୁକ୍ତି ପତ୍ରରେ କହିଛନ୍ତି। ଶ୍ରୀ ପାତ୍ର ଦୀର୍ଘ ୧୨ ବର୍ଷଧରି ଯୁବ କଂଗ୍ରେସର ଜଣେ ନିଷ୍ଠାବାନ କର୍ମୀ ଭାବରେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବରୁ ସେ ଏକାମ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି, ଭୁବନେଶ୍ୱର ଲୋକସଭା ଯୁବ କଂଗ୍ରେସ ସଭାପତି ଏବଂ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବରେ ସଫଳରୂପେ ତାଙ୍କର ଦାୟୀତ୍ୱ ନିର୍ବାହ କରିଥିଲେ। ସଦ୍ୟ ସମାପିତ ପ୍ରଦେଶ ଯୁବ କଂଗ୍ରେସ ନିର୍ବାଚନରେ ସଭାପତିପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ସେ ସର୍ବାଧିକ ଭୋଟ ପାଇଥିଲେ। ଏହାପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଯୁବ କଂଗ୍ରେସ କର୍ମକର୍ତା ଏବଂ କର୍ମୀମାନେ ମିଷ୍ଟାନ୍ନ ବଂଟନ କରି, ବାଜା ବଜାଇ ଏବଂ ବାଣ ଫୁଟାଇ ଶ୍ରୀ ପାତ୍ରଙ୍କର ନୂତନ ନିଯୁକ୍ତିକୁ ସ୍ୱାଗତ ଜଣାଇଥିଲେ।

## ବଲାଙ୍ଗିରରେ ଯାଦବ ସଚେତନତା ରଥ ଶୁଭାରମ୍ଭ

ବଲାଙ୍ଗିର, ୧୫/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ମଲମୁଣ୍ଡା ଗ୍ରାମ ପଂଚାୟତର କୁର୍ଲୁପାଲି ସ୍ଥିତ ମା ସମଲେଶ୍ୱରୀଙ୍କ ପୀଠରେ ପୁଇଁନ୍ତଲା ବ୍ଲକ ଯାଦବ ମହାସଭାରେ ଯାଦବ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି । ଏହି ରଥ ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ୨୫ ଗୋଟି ଗ୍ରାମପଂଚାୟତର ପ୍ରତ୍ୟେକ ଗ୍ରାମକୁ ପହଂଚି ଯାଦବ ଏକତା ସମୃଦ୍ଧି ଓ ପ୍ରଗତିର ସନ୍ଦେଶ ନେଇ ସଚେତନତାର ବାର୍ତ୍ତା ଦେବ ।

କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଅନିରୁଦ୍ଧ ବଗର୍ତ୍ତୀ, ଜିଲ୍ଲା ସଂପାଦକ ପ୍ରଦୀପ ସେଲମା, ଯୁବ ଯାଦବ ସଭାପତି ଦେବେନ୍ଦ୍ର ହାତୀ, ଯୁବ ଯାଦବ ସଂପାଦକ ସଚିତା ନନ୍ଦ ବଗର୍ତ୍ତୀ, ପିତାମ୍ବର ବାଙ୍କ, ଜଗନ୍ନାଥ ଚନ୍ଦନ, ମନ୍ଦିର ବାଙ୍କ, ମହାଦେବ ବାଙ୍କ, ସୁଦାମ ସେଲମା, ଦଣ୍ଡଧାରୀ ବନଛୋର, ବାବୁଲାଲ ବାଗ, ସୁକଲ ବାଗ, ଆନନ୍ଦ ବାଗ, ଚୈତନ୍ୟ ବଗର୍ତ୍ତୀ, ତରଣି ମଟାରୀଙ୍କ ସମେତ ଗ୍ରାମ ପଂଚାୟତ ଗୁଡିକର ସଭାପତି/ ସଂପାଦକ ମାନେ ଉପସ୍ଥିତ ଥିଲେ ।

# ଶରୀର, ଚେତନା ଓ ବିବେକର ବିକାଶ ହିଁ ପ୍ରକୃତ ଶିକ୍ଷା



ଧୂଷୁରୀ , ୧୫/୧୨ (ନି.ପ୍ର): "କେବଳ ଶ୍ରେଣୀଗୃହର ଅଧ୍ୟୟନ ସଫଳ ସାମଗ୍ରିକ ଶିକ୍ଷା ନୁହଁ; ମନ, ଶରୀର ଓ ଚେତନାର ସମନ୍ୱିତ ବିକାଶ ହିଁ ସର୍ବାଙ୍ଗୀଣ ଶିକ୍ଷା ଏବଂ ତାହା ହିଁ ମାନବ ସମ୍ବଳର ବିକାଶ ଓ ସମୃଦ୍ଧ ଦେଶ ଗଠନର ମୂଳମନ୍ତ୍ର" ବୋଲି ଆଇ.ଜି.ଏମ୍. ଡିଗ୍ରୀ କଲେଜର 'ନୂଆ ଓଡ଼ିଶା'ର 'ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ'ର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ବିଶିଷ୍ଟ ଅତିଥି ଓ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି । ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁନନ୍ଦ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଧାମନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ବେହେରା ଯୋଗ ଦେଇ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ସଂପର୍କରେ ଆଲୋକପାତ କରିଥିବାବେଳେ କବି ପ୍ରାବନ୍ଧିକ ତଥା ଅନୁବାଦକ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ, ଆଇ.ଜି.ଏମ୍. ଡିଗ୍ରୀ କଲେଜର ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରାଧ୍ୟାପକ ବିଭୂତି ଭୂଷଣ ବାରିକ୍ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସରକାରଙ୍କର ଏହି ଯୁବ ବିକାଶ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ ସରକାରଙ୍କୁ ସାଧୁବାଦ ଜଣାଇଥିଲେ। ଉତ୍ସବର ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ୰ ଦେବେନ୍ଦ୍ରନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଉମାକାନ୍ତ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଶରତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ମାନପତ୍ର, ପ୍ରଶଂସା ପତ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅଧ୍ୟାପକ ମନୋଜ କୁମାର ପଣ୍ଡା, ଅଧ୍ୟାପକ ନୀଳାଦ୍ରୀଭୂଷଣ ପ୍ରଧାନ, ଅଧ୍ୟାପିକା ବିଶ୍ୱଜିତା ନାୟକ ଓ ଦୀପ୍ତି ରଂଜନ ମହାନ୍ତି ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶ୍ରୀ ଉମାକନ୍ତ ବାରକଙ୍କ ନିର୍ଦ୍ଦେଶନା ଓ ସଂଚାଳନାରେ ଛାତ୍ର/ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସର୍ବଶ୍ରୀ ବିନାୟକ ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ଦୀପ୍ତିରଂଜନ ମହାନ୍ତି, ତୁଷାର କୁମାର ମହାନ୍ତି, ସତ୍ୟାନନ୍ଦ ମଲ୍ଲିକ୍, ମାୟାଧର ସାହୁ, ନିରଂଜନ ସାହୁ, ବଟକୃଷ୍ଣ ଯେନା, ନିରାକାର ଯେନା ଓ କିଶୋର ଚନ୍ଦ୍ର ଯେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆକାଶ ଭାରତୀ, ଗଣେଶ ସାହୁ, ଜ୍ୟୋସ୍ନାରାଣୀ ପତି, ଚିତ୍ତରଂଜନ ନାୟକ ପ୍ରଭୃତି ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କୁଡୁମୁଲୁଗୁମ୍ମାରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୫/୧୨ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ଜନ କୋରାଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କାର୍ଯ୍ୟ ଏବଂ କାର୍ଯ୍ୟକଳାପରେ ନିଶା ନିବାରଣ ସଚେତନତା ପାଇଁ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଅଧାପକ ଅଧାପିକା ସଞ୍ଜିତା ଖୋସ୍ଲା, ମଧୁସ୍ମିତା ବିଶ୍ୱାଳ, ଶ୍ରୀଦେବୀ ପରିଡ଼ା, ଯୋସ୍ନାରାଣୀ ଜେନା, ନୋଡାଲ ଅଫିସର ଜନ କୋରା, ବିଶ୍ୱଜିତ୍ ମହାନ୍ତି ମହାବିଦ୍ୟାଳୟ ଠାରୁ ବାହାରି କୁଡୁମୁଲୁଗୁମ୍ମା ଗ୍ରାମରେ ଏକ ଶୋଭାଯାତ୍ରା କରି ଗ୍ରାମର ଜନସାଧାରଣଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନତାର ବାର୍ତା ଦେଇଥିବା ବେଳେ ରାଜା ସାହି ଠାରେ ଏକ ବୈଠକ କରି ସମସ୍ତ ଲୋକଙ୍କୁ ନିଶା ନିବାରଣ ପାଇଁ ସଚେତନତାର ବାର୍ତା ଦେବାସହ ନିଶା ସେବନର ଅପକାରିତା ଗୁଡ଼ିକ ସମ୍ପର୍କରେ ନୋଡାଲ ଅଫିସର ଶ୍ରୀ କୋରା ବୁଝାଇଥିଲେ। ମହାବିଦ୍ୟାଳୟର ଛାତ୍ରୀ ଦିନେଶ ବାଙ୍ଗୁରୁ ମଧ ଆଜିକାଲିର ଯୁବପିଢ଼ି ନିଶାସକ୍ତ ହୋଇ ନିଜ ଜୀବନ ନଷ୍ଟ କରୁଛନ୍ତି। ଆଗାମୀ ଦିନରେ କିଭଳି ସମସ୍ତେ ନିଶା ନିବାରଣ କରିବେ ସେଥିପାଇଁ ସଚେତନତାର ବାର୍ତା ଦେଇଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ମାଲକାନଗିରି, ୧୫/୧୨ (ନି.ପ୍ର): କୁଡୁମୁଲୁଗୁମ୍ମା ଗ୍ରାମ ପଂଚାୟତ ଅନ୍ତର୍ଗତ ପୁରୁଣାଗୁମ୍ମା ବାଳିକା ଉଚ୍ଚବିଦ୍ୟାଳୟରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଡୁମୁଲୁଗୁମ୍ମା ପଂଚାୟତର ସରପଂଚ ମଙ୍ଗଳା ମାଡି ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଖଇରପୁଟ ବ୍ଲକ ର ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ଓ ସମ୍ମାନୀୟ ଅତିଥି ଭାବେ ଗଣେଶ ପ୍ରସାଦ ଦାଶ ଯୋଗ ଦେଇଥିଲେ । ଏହି ସଭାକାର୍ଯ୍ୟକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଓଝା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ପଣ୍ଡା କହିଥିଲେ ଯେ, ପାଠପଢା ସହିତ ଖେଳକୁଦ ଓ କସରତ କରିବା ଫଳରେ ଦେହ ମନ ଓ ମସ୍ତିଷ୍କ ପ୍ରଫୁଲ୍ଲ ରହିଥାଏ । ଏହିଭଳି କାର୍ଯ୍ୟକ୍ରମରେ ସମସ୍ତେ ସଦାସର୍ବଦା ଭାଗନେବା ସହ ନିଜର ଲୁକ୍କାୟିତ ପ୍ରତିଭାକୁ ଉଜାଗର କରି ନିଶ୍ଚିତ ଭାବେ ଅନ୍ୟ ମାନଙ୍କୁ ଟକ୍କର ଦେଇ ସଫଳତାର ଶୀର୍ଷତମ ସ୍ଥାନ ଅଧିକାର କରିପାରିବ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀମାନେ ଉତ୍ସାହର ସହ ଖେଳକୁଦରେ ଭାଗନେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ସହାୟତା କରିଥିଲେ।

# ତ୍ରି-ଦିବସୀୟ ଇ-ଗଭର୍ଣ୍ଣାନ୍ସ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍ ଆଇ ସି), ଭୁବନେଶ୍ୱର ଠାରେ ଜିଲ୍ଲା ସୂଚନା ବିଜ୍ଞାନ ପଦାଧିକାରୀ ଏବଂ ସହକାରୀ ଜିଲ୍ଲା ସୂଚନା ବିଜ୍ଞାନ ପଦାଧିକାରୀମାନଙ୍କ ପାଇଁ ତ୍ରି-ଦିବସୀୟ ଇ-ଗଭର୍ଣ୍ଣାନ୍ସ ରାଜ୍ୟସ୍ତରୀୟ ସମ୍ମିଳନୀ ଆଜି ଉଦଘାଟିତ ହୋଇଯାଇଛି ।

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଜ୍ୟରେ ଇ-ଶାସନର ସଫଳ ପ୍ରବର୍ତନ ପାଇଁ ଜିଲ୍ଲା ସୂଚନା ବିଜ୍ଞାନ ପଦାଧିକାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଏନଆଅଇସିର ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ରହିଛି । ଜିଲ୍ଲାସ୍ତରରେ ଏନଆଇସି ବହୁତ ଭଲ କାମ କରିଛନ୍ତି । ଜିଲ୍ଲାପାଳମାନଙ୍କ ତତ୍ୱାବଧାନରେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବହୁ କାର୍ଯ୍ୟ ସଂପାଦନ କରିବାରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀମାନେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛନ୍ତି । ଏହି ସଫଳତା ଆଧାର ତଥା ଅତୀତର କାର୍ଯ୍ୟ ପଦ୍ଧତିକୁ ବିଶ୍ଳେଷଣ କରି ଆଗାମୀ ଦିନରେ ସୂଚନା ବିଜ୍ଞାନ ଅଧିକାରୀମାନେ ଅଧିକରୁ ଅଧିକ ଭଲ କାର୍ଯ୍ୟ କରିବେ ବୋଲି ସେ ଆଶାବ୍ୟକ୍ତ କରିବା ସହିତ ସୂଚନା ବିଜ୍ଞାନୀମାନଙ୍କୁ ଉତ୍ସାହିତ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ, ସୂଚନା ବିଜ୍ଞାନୀମାନଙ୍କର ବୈଷୟିକ ଜ୍ଞାନ କ୍ଷେତ୍ରରେ ଦକ୍ଷତା ରହିଛି । ଆଇଟି କ୍ଷେତ୍ରରେ ଯୋଗଦାନ କରୁଥିବା ଅଧିକାରୀମାନଙ୍କ ପ୍ରତି ସେ କହିଥିଲେ ଯେ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ରହିଛି । ନିଷ୍ଠା, ଅଭିଜ୍ଞତାସଂପନ୍ନ ଏବଂ ଦକ୍ଷତା ରଖୁଥିବା ଆଇଟି ବୃତିଧାରୀ ଅନୁଷ୍ଠାନଗୁଡିକ ପାଇଁ ମୂଳପୁଞ୍ଜି ବୋଲି ସେ ପ୍ରକାଶ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମ ତଥା ରାଜ୍ୟ କର୍ମଚାରୀ ରାଜ୍ୟ ବୀମା ବିଭାଗ କମିଶନର ତଥା ଶାସନ ସଚିବ ସନ୍ତୁନାଗୋପାଳନ ଆର. ଯୋଗଦେଇ ନାଗରିକମାନଙ୍କୁ ସେବା ଯୋଗାଇବାରେ ନୂତନ ଜ୍ଞାନ କୌଶଳ ତଥା କୃତିମ ବୁଦ୍ଧିମତା, ବ୍ଲକଚେନ, ଭରଚୁଆଲ ରିଅଲିଟି ଆଦି ଉପରେ ଆଲୋକପାତ କରିଥିଲେ । ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ. ଅଶୋକ କୁମାର ହୋତା ଯୋଗଦେଇ ଓଡିଶାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଏନଆଇସିର ଭୂମିକା ସଂପର୍କରେ ବିଶଦ ଭାବେ ଆଲୋକପାତ କରିଥିଲେ। ଜଗତସିଂହପୁର ଜିଲ୍ଲାରେ ଇ-ଅଫିସ୍ ଜିଲ୍ଲାସ୍ତରରୁ ପଂଚାୟତସ୍ତର ପର୍ଯ୍ୟନ୍ତ କାର୍ଯ୍ୟାନ୍ୱୟନ,ପୁରୀରେ ହବିଷ୍ୟାଳିମାନଙ୍କ ପାଇଁ କମ୍ପ୍ୟୁଟର ମାଧ୍ୟମରେ ପଞ୍ଜିକରଣ, କଟକର ବାଲିଯାତ୍ରାରେ ସାଧାରଣ ଜନତାଙ୍କ ମଧ୍ୟରେ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସଚେତନତା ଆଦି ପ୍ରଚେଷ୍ଟା ପାଇଁ ଜିଲ୍ଲା ସୂଚନା ବିଜ୍ଞାନ ପଦାଧିକାରୀମାନଙ୍କ ପ୍ରଶଂସନୀୟ ଭୂମିକା ସଂପର୍କରେ ସେ ପ୍ରକାଶ କରିଥିଲେ । ଆସନ୍ତା ତିନି ଦିନରେ କୃଷି, ପରିବହନ, ରାଜସ୍ୱ ଆଦି ବିଭିନ୍ନ ବିଭାଗର ପ୍ରକଳ୍ପ ଉପରେ ବିଭିନ୍ନ ଆଲୋଚନା ରହିଛି ବୋଲି ସେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏନ. ଆଇ. ସି. ଓଡିଶାର ମୁଖ୍ୟ ପ୍ରକଳ୍ପ ଗୁଡିକର ଏକ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡଃ. ରାମକୃଷ୍ଣ ଦାଶ, ଏନଆଇସିର ଉପ ମହାନିର୍ଦ୍ଦେଶକ ଓ ଜୟନ୍ତ କୁମାର ମିଶ୍ର, ଦକ୍ଷତା ବିକାଶ ବିଭାଗ ମୁଖ୍ୟ ପରିଚାଳନା କରିଥିଲେ।

# ଜାମଗାଁ କଲେଜରେ ନୂଆ ଓ ଯୁବ ଓଡିଶା କାର୍ଯ୍ୟକ୍ରମର ଷଷ୍ଠ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍ଘାଟନ

ବଲାଙ୍ଗିର, ୧୫/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକର ଜାମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆଁ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଷଷ୍ଠ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍ଘାଟନ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଶିବ ଶଙ୍କର ଉଦ୍ଗାତାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ଶିବଦତ ମିଶ୍ର ଓ ବିଦ୍ୟାଳୟର ସଂସ୍କୃତ ଅଧାପକ ସି.ଭୋଇ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ କହିଲେ ସମାଜରେ ସଂସ୍କୃତି ଏବଂ ଭାରତୀୟ ସାଂସ୍କୃତିକ ପରଂପରା ଦ୍ୱାରା ମାନବର ତଥା ଯୁବ ସମାଜର କଲ୍ୟାଣ ସାଧିତ ହେବା ସମ୍ଭବ ଅଟେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ପ୍ରକୃତି, ବିକୃତି ଓ ସଂସ୍କୃତିର ଦୃଷ୍ଟାନ୍ତ ଦେଇ ସୁନ୍ଦର ଭାବରେ ଛାତ୍ରମାନଙ୍କୁ ବୁଝାଇଥିଲେ । ଇଂରାଜୀ ଅଧାପକ ହେମସାଗର ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧାପକ ଏସ୍.କେ. ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବକ୍ତୃତା, କାର୍ଟୁନ୍ , ରଚନା, ଗୀତା ଆବୃତି ଓ ରଙ୍ଗୋଲି ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ନୋଡାଲ ଅଫିସର ଡି.ପଟେଲ ଓ ପୂର୍ବତନ ସଂପାଦକ ଏସ.ପି.ଭଞ୍ଜ ମଂଚାସିନ ଥିଲେ ।

# ଥାନାରେ ମାମଲା ରୁଜୁ ପରେ କାର୍ଯ୍ୟାନୁଷ୍ଠାନ ଶୂନ: ନ୍ୟାୟ ପାଇ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ପିଡିତା

କୋରେଇ, ୧୫/୧୨ (ନି.ପ୍ର): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁ ଘର ଲୋକେମାନେ ତାଙ୍କ ବାପା ଓ ଭାଇ ସହିତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ ଥାନାରେ ଅଭିଯୋଗ କରିଥିଲେ । ମାତ୍ର ପୁଲିସ ଅଭିଯୋଗ ଆଧାରରେ ଏତଲା ପଂଜୀକରଣ କରିଥିଲେହେଁ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ପୁଲିସ । ଫଳରେ ବାଧ୍ୟ ହୋଇ ମହିଳା ଜଣକ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମର ଅରୁଣ କୁମାର ସ୍ୱାଇଁଙ୍କ ଝିଅ କୁମୁଦ ସ୍ୱାଇଁ ୧୮ ବର୍ଷ ତଳେ ହିନ୍ଦୁରିତୀ ନିତୀ ଅନୁଯାୟୀ ବଡ଼ବିରୁହାଁ ଗ୍ରାମର ସ୍ୱର୍ଗତ ରମାକାନ୍ତ ମହାପାତ୍ରଙ୍କ ପୁତ୍ର ପ୍ରଶାନ୍ତଙ୍କୁ ବୈଦିକ ରିତୀରେ ବିବାହ କରିଥିଲେ । ମାତ୍ର ବିବାହ ପରଠାରୁ ପ୍ରଶାନ୍ତଙ୍କ ସମେତ ଶାଶୁ ସାବିତ୍ରୀ, ନଣନ୍ଦେଇ ଓ ଭଣଜା ପ୍ରମୁଖ ତାଙ୍କୁ ମାରଧର କରୁଥିଲେ। ତେବେ ଚଳିତ ମାସ ୬ ତାରିଖ ଦିନ କୁମୁଦଙ୍କୁ ଉପରୋକ୍ତ ବ୍ୟକ୍ତି ମାନେ ଶାବଳ ପକାଇ ମାରିଦେବା ଲାଗି ଉଦ୍ୟମ କରୁଥିବା ବେଳେ ସେ କୌଶଳ କ୍ରମେ ଖସିଯାଇ ପଡ଼ିଶା ଘରେ ଆଶ୍ରୟ ନେଇଥିଲେ । ଏଥି ସହିତ ଏନେଇ ନିଜ ବାପ ଘରକୁ ଖବର ଦେଇଥିଲେ। ଖବର ପାଇ ତାଙ୍କ ବାପା ଓ ଭାଇ ଆସିବା ପରେ ସେମାନଙ୍କ ନିତ୍ୟବ୍ୟବହାର ଜିନିଷ ପାଇଁ ଶାଶୁ ଘରକୁ ଯାଇ ଘଟଣା ସମ୍ପର୍କରେ ପ୍ରଶାନ୍ତଙ୍କୁ ପଚାରିବାରୁ ସେମାନେ କୁମୁଦଙ୍କ ସମେତ ତାଙ୍କର ବାପା ଓ ଭାଇଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ସେମାନେ ସମସ୍ତେ ଯାଜପୁର ରୋଡ଼ ସରକାରୀ ଡ଼ାକ୍ତଖାନାରେ ଚିକିତ୍ସିତ ହେବା ପରେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ଏ ନେଇ ଏକ ମାମଲା ୩୫୯/୨୩ ରୁଜୁ କରି ଚୁପ ହୋଇ ବସିଛି। ମାତ୍ର ଉକ୍ତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ସେମାନେ ପ୍ରକାଶ୍ୟରେ ମକଦ୍ଦମା ନଉଠାଇଲେ ସପରିବାରେ ମାରିଦେବାକୁ ଧମକ ଦେଉଛନ୍ତି। ଶେଷରେ ନ୍ୟାୟ ପାଇ କୁମୁଦ ଗୁରୁବାର ଦିନ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

# ଗୋସେଇଁଧାରା ଜଳପ୍ରପାତରେ ୮୦ ଫୁଟ ତଳକୁ ଖସୁଛି ପାଣି: ପ୍ରଶାସନର ଅବହେଳା ଯୋଗୁଁ ବଦଳୁନି ଭାଗ୍ୟ



ଝରିଗାଁ, ୧୫/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅନେକ ପର୍ଯ୍ୟଟନସ୍ଥଳୀ। ବ୍ଲକରେ ରହିଥିବା ଅନେକ ଶୈବପୀଠ ଓ ଜଳପ୍ରପାତ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଥି ମଧ୍ୟରୁ ଅନ୍ୟତମ ଜଳପ୍ରପାତ ହେଉଛି ଗୋସେଇଁଧାରା। ଏହି ପର୍ଯ୍ୟଟନସ୍ଥଳୀର ଉପର ଭାଗରେ ରହିଛି ଶିବ ମନ୍ଦିର। ଶିବ ମନ୍ଦିର ନିକଟରେ ଏକ ପଥର କରଡ଼ରେ ରହିଛି ମା' ପାର୍ବତୀଙ୍କ ଆସ୍ଥାନ। ଏହି ଦୁଇଟି ଆସ୍ଥାନ ମଧ୍ୟରେ ବୋହି ଯାଉଛି ଝରଣା। ବର୍ତ୍ତମାନ ଶୀତ ବଢ଼ିବାରେ ଲାଗିଥିବା ବେଳେ ସାଧାରଣତଃ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଗୋସେଇଁଧା ଜଳ ପ୍ରପାତରେ ମଧ ପଡ଼ୋଶୀ ଛତିଶଗଡ଼ ସହିତ କଳାହାଣ୍ଡି, କୋରାପୁଟ ଭଳି ଅଞ୍ଚଳରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। କିନ୍ତୁ ଅଦ୍ୟାବଧି ଏହି ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳି ନଥିବା ବେଳେ ପାରିପାର୍ଶ୍ୱିକ ବିକାଶ ଦିଗରେ ସରକାର ଦୃଷ୍ଟି ଦେଉ ନଥିବାରୁ ପର୍ଯ୍ୟଟକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଝରିଗାଁ ବ୍ଲକର ସଦର ମହକୁମାଠାରୁ ୫ କିଲୋମିଟର ଦୂରରେ ପାହାଡ଼ ଓ ଘଞ୍ଚ ଜଙ୍ଗଲ ଘେରା ରହିଥିବା ଏହି ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ଏହି ପର୍ଯ୍ୟଟନସ୍ଥଳୀକୁ ଯିବା ପାଇଁ ଝରିଗାଁ ଠାରୁ ଝଲାଗୁଡା ରାସ୍ତା ଦେଇ ଯିବାକୁ ପଡ଼େ। ତେବେ ପ୍ରଶାସନ ତରଫରୁ ଝଲାଗୁଡା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇଥିବା ବେଳେ ଝଲାଗୁଡା ଠାରୁ ପ୍ରାୟ ଏକ କିଲୋମିଟର ଦୂର ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ପର୍ଯ୍ୟଟକମାନଙ୍କୁ ଜଙ୍ଗଲ ଓ ପାହାଡ଼ ରାସ୍ତା ଦେଇ ଚାଲିଚାଲି ଯିବାକୁ ପଡିଥାଏ। କିନ୍ତୁ ଜଳପ୍ରପାତ ନିକଟରେ ପହଂଚିବା ପରେ ପର୍ଯ୍ୟଟକଙ୍କ ସମସ୍ତ କଷ୍ଟ ଲାଘବ ହୋଇଯାଏ। ଏଠାରେ ପାହାଡ଼ ଉପରୁ ପ୍ରାୟ ୮୦ ଫୁଟ ତଳକୁ ଏଠାରେ ପାଣି ଖସୁଛି। ସେହିପରି ଜଳପ୍ରପାତ ନିକଟରେ ସ୍ଥାନୀୟ ଲୋକଙ୍କ ତରଫରୁ ଏକ ଅସ୍ଥାୟୀ ଶିବ ମନ୍ଦିର ନିର୍ମାଣ ହୋଇଛି। ବିଶେଷ କରି ଏଠାରେ ସନ୍ଧ୍ୟା ସମୟର ଦୃଶ୍ୟ ଅତି ମନୋରମା। ପାହାଡ଼ରୁ ଖସିଆସୁଥିବା ପାଣି ଉପରେ ଅସ୍ତଗାମୀ ସୂର୍ଯ୍ୟକିରଣ ପଡ଼ି ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରିଥାଏ। ଏଠାରେ ଛଟ ବଡ଼ ସାତଟି ଜଳପ୍ରପାତ ରହିଛି। ବିଶେଷ କରି ଏହି ଜଳପ୍ରପାତ ନିକଟରେ ଶିବ ମନ୍ଦିର ଥିବାରୁ ବିଶେଷତଃ ଶ୍ରାବଣ ଓ କାର୍ତ୍ତିକ ମାସରେ ଭକ୍ତଙ୍କ ପ୍ରବଳ ଭିଡ ଜମିଥାଏ।ସେହିପରି ଶୀତ ଋତୁରେ ଏହି ପର୍ଯ୍ୟଟନ ସ୍ଥଳୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ଏହି ଜଳପ୍ରପାତର ରକ୍ଷଣାବେକ୍ଷଣ କରାଯାଉନାହିଁ।



## ଲିପ୍‌ବାମ ଠାରୁ ଦୂରେଇ ରୁହନ୍ତୁ

ଓଠକୁ ନରମ ଓ ମୁଲାୟମ କରିବା ପାଇଁ ସମସ୍ତେ ଅତ୍ୟଧିକ ଲିପବାମ୍ ଲଗାଇଥାନ୍ତି। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଓଠର ସୁନ୍ଦରତା ବଢ଼ାଇବା ପରିବର୍ତ୍ତେ ବ୍ୟବହାର କଲେ ଓଠ ଫାଟିବା ପରି ସମସ୍ୟା ଦେଖାହୋଇଥାଏ। ନିକଟରେ ହୋଇଥିବା ଏକ ଅଧ୍ୟୟନ ଅନୁସାରେ ଲିପବାମ୍‌ରେ ଅଭ୍ୟସ୍ତ ପରି କୌଣସି ତତ୍ତ୍ୱ ନଥାଏ। କିନ୍ତୁ ପ୍ରତିଦିନ ଲିପବାମ୍ ବ୍ୟବହାର କରିବା ଯୋଗୁଁ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଅନ୍ୟପରେ ଲିପବାମ୍, ଲିପ୍‌ବାମ୍ ବହୁତ କ୍ଷତି ପହଂଚାଇଥାଏ। ଅତ୍ୟଧିକ ଲିପବାମ ଲଗାଇବା ପରେ ଓଠ ଆହୁ ଅଧିକ ଖରାପ ହୋଇଯାଏ। କାରଣ ଲିପବାମରେ ଅତ୍ୟଧିକ କେମିକାଲରେ ଲଗାଇଲେ ଆଲର୍ଜି ହେବାର ସମ୍ଭାବନା ମଧ୍ୟ ବେଶ୍ ରହିଥାଏ। ସୁଗନ୍ଧ ପାଇଁ ଲିପବାମରେ ଯେଉଁ କେମିକାଲ ବ୍ୟବହାର କରାଯାଇଥାଏ, ତାହା ଆଲର୍ଜିର କାରଣ ହୋଇଥାଏ।

## ସ୍ୱାସ୍ଥ୍ୟ ପାଇଁ ହିତକର ହଳଦୀ ମିଶ୍ରିତ କ୍ଷୀର

**ପ୍ରତିଦିନ ଶୋଇବା ବେଳେ କ୍ଷୀର ପିଇବା ଏକ ଭଲ ଅଭ୍ୟାସ। କ୍ଷୀରରେ ଅତ୍ୟଧିକ ପରିମାଣରେ ପ୍ରୋଟିନ୍ ଥିବାରୁ ଏହା ଶରୀର ପାଇଁ ହିତକର ହୋଇଥାଏ । ଉଷୁମ କ୍ଷୀରରେ ଯଦି ଟିକେ ହଳଦି ମିଶାଇ ପିଆଯାଏ, ତେବେ ଏହା ଶରୀର ପାଇଁ ବେଶ୍ ଲାଭଦାୟକ ହୋଇଥାଏ। ସାଦା କ୍ଷୀର ଠାରୁ ବି ଅଧିକ ହିତକର ହୋଇଥାଏ। ହଳଦୀ ମିଶ୍ରିତ କ୍ଷୀର ପିଇବା ଦ୍ୱାରା ଶରୀରକୁ ଆଉ କ'ଣ ସବୁ ଲାଭ ମିଳିଥାଏ, ଆସନ୍ତୁ ଜାଣିବା ସେଗୁଡ଼ିକ ସମ୍ପର୍କରେ...**

ହଳଦୀ ମିଶ୍ରିତ କ୍ଷୀର ପ୍ରତିଦିନ ପିଇଲେ, ଖାଦ୍ୟ ହଜମ ହେବାରେ ସହାୟ ହୁଏ । ତା'ସହ ହୃଦ୍‌ଘାତର ଆଶଙ୍କା ବି କମ୍ ହେଉଥିବା ବିଶେଷଜ୍ଞମାନେ କୁହନ୍ତି। ନିଦ୍ରାହୀନତା ସମସ୍ୟା ଥିଲେ ରାତିରେ ଶୋଇବା ପୂର୍ବରୁ ଗିଲାସେ ଉଷୁମ କ୍ଷୀରରେ ଏକ ଛୋଟ ଚାମଚ ହଳଦି ମିଶାଇ ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ନିୟମିତ ହଳଦୀ ମିଶ୍ରିତ କ୍ଷୀର ପିଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହାଦ୍ୱାରା ଥଣ୍ଡା, କାଶ, ଛିଙ୍କ ଆଦିରୁ ରକ୍ଷା ମିଳିଥାଏ। ଯେଉଁ ଲୋକମାନଙ୍କର ଆଣ୍ଠୁଗଣ୍ଠି ଯନ୍ତ୍ରଣା ରହିଛି, ସେମାନଙ୍କ ପାଇଁ ହଳଦୀ ମିଶ୍ରିତ କ୍ଷୀର ଲାଭଦାୟକ ହୋଇଥାଏ।



## ନିଦରୁ ଉଠିଲା ବେଳେ...



ମୁହଁରେ କଳାଦାଗ, କ୍ଲାନ୍ତ ଆଖି, ମାନ୍ଦା ତ୍ୱଚା ଏବଂ ଶୁଷ୍କ କେଶ ଏସବୁ କେବେ ଶାନ୍ତି ନିଦ୍ରା ଆଣିନଥାଏ । ପ୍ରତିଦିନ ୮ ଘଣ୍ଟା ବିଶ୍ରାମ କରିବା ଯେମିତି ପ୍ରଫେସନାଲଙ୍କ ପାଇଁ ଅତି କଷ୍ଟକର । ଆମେ କେମିତି ବେଶୀ ଫର୍ଫେକ୍ଟ ଲାଗିବା ସେଥିପାଇଁ ଯଥେଷ୍ଟ ପରିଶ୍ରମ ମଧ୍ୟ କରିଥାଉ । ନିଦରୁ ଉଠୁ ଉଠୁ ପ୍ରଥମେ ସୁନ୍ଦର ତ୍ୱଚା ସହିତ ଉଠିଲେ ବେଶୀ ଖୁସି ଲାଗେ । ସବୁଠାରୁ ଗ୍ରେଟ ଓ୍ୱେକଅପ୍ ଟିପ୍ସ ହେଉଛି ନିଦରୁ ଉଠୁ ଉଠୁ ତ୍ୱଚାକୁ ଉଜ୍ଜ୍ୱଳ ରଖିବା ପାଇଁ ମୁହଁରେ କିଛି ଥଣ୍ଡା ପାଣି ଛାଟି ଧୋଇବା । ଥଣ୍ଡା ରହିବା ଦ୍ୱାରା ରକ୍ତ ସଂଚାଳନ ଭଲଭାବେ ହେବ ଏବଂ ତ୍ୱଚା ମଧ୍ୟ ଅଧିକ ନରମ ଏବଂ ଟୋନ୍‌ଡ ଲାଗିବ । ଶୁଷ୍କ ତ୍ୱଚାପାଇଁ ସର୍ବଦା ଭଲ ମଶ୍ଚରାଇଜର ବ୍ୟବହାର କରିପାରିବେ । ଯଦି ଏହା କାମ ନକରୁଛି ତେବେ ଏଥିପାଇଁ ଆପଣ କ୍ଷୀର ଏବଂ ବରଫ ମିଶାଇ ମୁହଁରେ ଲଗାଇ ପାରିବେ । କ୍ଲାନ୍ତ ଆଖି ଅତି ସମସ୍ୟା ସୃଷ୍ଟି କରିଥାଏ । ଏଥିପାଇଁ ପେପଟିସାଇଡ୍‌ସ ଥିବା ଏକ ଆଇ କ୍ରିମ୍ ବ୍ୟବହାର କରନ୍ତୁ । ସାରା ରାତି ଏହାକୁ ଫ୍ରିଜ୍‌ରେ ରଖି ସକାଳୁ ମୁହଁରେ ଆପ୍ଲାଏ କରନ୍ତୁ । ଆଖି ତଳ କଳା ଦେଖାଯାଉଥିଲେ କିଛି କନସିଲର ବ୍ୟବହାର କରିପାରିବେ । ସବୁଠାରୁ ବଡ଼ ଟ୍ରିକ୍ ହେଉଛି ଆଇଲ୍ୟାସ୍ କର୍ଲର ବ୍ୟବହାର କରି ବା ଆଖିରେ ଭଲ ମସ୍କରା ବ୍ୟବହାର କରି ଏହାକୁ ଭଲଭାବେ କର୍ଲ କରିଦିଅନ୍ତୁ । କେଶ ଉପରେ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦେବାକୁ ପଡିବ । ଯଦି ସମୟ ନାହିଁ ସାମ୍ପୋ କରିବା ପାଇଁ ତେବେ କେଶରୁ ଚିକ୍‌ଟା ଅଂଶ କମାଇବା ପାଇଁ ପାଉଡର ବ୍ୟବହାର କରିପାରିବେ । ଲିଭ-ଇନ କଣ୍ଡିସନର ଏବଂ କିଛି ସିରମ୍ ଦ୍ୱାରା ଶୁଷ୍କ କେଶର ଯତ୍ନ ନିଆଯାଇ ପାରିବ ।

## ଡାକ୍ତର ଦିଅନ୍ତି ଗୀତା, ହନୁମାନ ଚାଳିଶା; ସର୍ଜରି ପୂର୍ବରୁ ପଢ଼ନ୍ତି ରୋଗୀ



ଆଧାତ୍ମିକ ପୁସ୍ତକ ପଢ଼ିବା ତଥା ମନ୍ତ୍ର ଆଦି ଉଚ୍ଚାରଣ ଦ୍ୱାରା ମନକୁ ଶାନ୍ତି ମିଳିଥାଏ । ଏହି କ୍ରମରେ ଉତ୍ତରପ୍ରଦେଶ କାନପୁରର ହୃଦ୍‌ରୋଗ ବିଶେଷଜ୍ଞ ଡା. ନୀରଜ କୁମାର ରୋଗୀଙ୍କୁ ଖୁସି କରିବା ତଥା ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାର ଆଧାତ୍ମିକ ପୁସ୍ତକ ପ୍ରଦାନ କରୁଛନ୍ତି । ବର୍ଷକ ତଳେ ସେ ଆରମ୍ଭ କରିଥିବା ଏଭଳି ଏକ କାର୍ଯ୍ୟ ଦ୍ୱାରା ରୋଗୀମାନେ ବେଶ୍ ଉପକୃତ ହୋଇପାରିଛନ୍ତି । ଲକ୍ଷ୍ମୀପତ୍ ସିଂଘାଣିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ଓ କାର୍ଡିଆକ୍ ସର୍ଜରି ବିଭାଗରେ ସେ ରୋଗୀଙ୍କୁ ଶ୍ରୀମଦ୍ ଭଗବଦ୍‌ଗୀତା, ରାମାୟଣ, ସୁନ୍ଦରାକାଣ୍ଡ, ହନୁମାନ ଚାଳିଶା ଭଳି ଧାର୍ମିକ ପୁସ୍ତକ ପ୍ରଦାନ କରନ୍ତି । ଯାହାକୁ ସର୍ଜରି ତଥା ଦୀର୍ଘକାଳୀନ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କୁ ପଢ଼ିବା ପାଇଁ ପ୍ରଦାନ କରାଯାଏ ।

ସେହିପରି ଏହାକୁ ସେ ତାଙ୍କ ଚିକିତ୍ସାର ଏକ ଅଂଶ କରିଛନ୍ତି । ଅନ୍ୟପଟେ ଅନ୍ୟ ରୋଗୀଙ୍କ ତୁଳନାରେ ଆଧାତ୍ମିକ ବହି ପଢୁଥିବା ରୋଗୀ ହସ୍‌ପିଟାଲରୁ ଯିବା ସମୟରେ ଅଧିକ ଖୁସି ଥିବା ସେ କହିଛନ୍ତି । ନୀରଜ ତାଙ୍କ ନିଜସ୍ୱ ଅର୍ଥରେ ଏହି ସବୁ ବହି କିଣିଥାନ୍ତି । ଅବଶ୍ୟ ପ୍ରଥମେ ସେ ରୋଗୀଙ୍କୁ ଖବରକାଗଜ ପଢ଼ିବାକୁ ଦେଉଥିଲେ, କିନ୍ତୁ ଏହାର ପରିଣାମ ସେତେଟା ଫଳପ୍ରଦ ନ ହେବାରୁ ସେ ତାଙ୍କ ରୋଗୀମାନଙ୍କୁ ଏହିସବୁ ବହି ପ୍ରଦାନ କରିବା ଆରମ୍ଭ କଲେ । ଡାକ୍ତରଙ୍କ ଏଭଳି ଏକ କାର୍ଯ୍ୟ କେବଳ ରୋଗୀଙ୍କ ହୃଦୟ ଜିଣି ନାହିଁ, ବରଂ ସମସ୍ତେ ତାଙ୍କର ଏହି କାର୍ଯ୍ୟକୁ ବେଶ୍ ପସନ୍ଦ ତଥା ପ୍ରଶଂସା କରୁଛନ୍ତି ।

## ଶିଶୁ ! ଠିକ୍ ସମୟରେ ଶୁଅ

ଜର୍ଣ୍ଣାଲ ଅଫ ଏପିହିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍‌ଥରେ ପ୍ରକାଶ ପାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ରାତିରେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇନଥିବା ଶିଶୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଅଧ୍ୟୟନରେ ସାମିଲ ଶିଶୁ



ମାନଙ୍କ ଶୋଇବା ସମୟକୁ ଲକ୍ଷ୍ୟ କରାଯିବା ପରେ ଦେଖାଯାଇଛି ଯେ, ୩ ବର୍ଷର ଶିଶୁଙ୍କ ଶୋଇବା ସମୟ ଆଦୌ ଠିକ୍ ରହେ ନାହିଁ । ଏହା ପୁଅ ଓ ଝିଅଙ୍କ କ୍ଷେତ୍ରରେ ସମାନ । ଏହି ବୟସରେ ଶିଶୁର ମସ୍ତିଷ୍କ ବିକାଶ ପାଇଁ ଶ୍ରେଷ୍ଠ ସମୟ ହୋଇଥିବାରୁ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଆଇବା ଦରକାର । ୭ ବର୍ଷ ବୟସର ଝିଅ ଶୋଇବା ସମୟରେ ପ୍ରାୟ ଠିକ୍ ରହେ । କିନ୍ତୁ ପୁଅ ମାନଙ୍କ କ୍ଷେତ୍ରରେ ଏହା ଦେଖାଯାଏ ନାହିଁ । ଯେଉଁ ପୁଅମାନଙ୍କ ଶୋଇବା ସମୟରେ ଏ ପାଖ ସେପାକ ହୁଏ ସୋମନେ ଅଙ୍କରେ ପଛୁଆ ବୋଲି କୁହାଯାଇଛି । ଏଥିପାଇଁ ଶିଶୁମାନେ କିଭଳି ସଠିକ ସମୟରେ ଶୋଇବେ ସେଥିପ୍ରତି ଧ୍ୟାନ ଦେବା ଜରୁରୀ ।

## ଜାଣନ୍ତୁ କେଉଁ ଦିନରେ କ'ଣ କରଣୀୟ ଓ ଅକରଣୀୟ

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ କାର୍ଯ୍ୟର ଦିନ ନିର୍ଦ୍ଧାରଣ କରାଯାଇଛି । ଧାର୍ମିକ ଗ୍ରନ୍ଥ ଏବଂ ଶାସ୍ତ୍ର ଅନୁସାରେ, ଯଦି ଦିନ ହିସାବରେ କୌଣସି ଶୁଭକାର୍ଯ୍ୟ କରାଯାଏ, ସେହି କାର୍ଯ୍ୟର ସଫଳ ହେବା ସମ୍ଭାବନା ଅଧିକ ଥାଏ ।**

ସୋମବାର: ବିବାହ, ନାମକରଣ, ଗୃହ ନିର୍ମାଣ, ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ଏହି ଦିନ ଶୁଭ । ଏହିଦିନରେ ଜନ୍ମହୋଇଥିବା ବ୍ୟକ୍ତି ସଜ୍ଜନ ହୋଇଥାନ୍ତି । ଏହିଦିନ ଦକ୍ଷିଣ ଦିଗରୁ ଯାତ୍ରା କଲେ ନିଶ୍ଚିତ ସଫଳତା ମିଳିଥାଏ ବୋଲି କୁହାଯାଏ ।

ମଙ୍ଗଳବାର: ଏହିଦିନ ଶୁଭ-ଅଶୁଭର ମିଶ୍ରିତ ଫଳ ପ୍ରଦାନ କରେ । ସେହିପରି ମଙ୍ଗଳବାର କିଛି କାର୍ଯ୍ୟ ପାଇଁ ଶୁଭ ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ପାଇଁ ଅଶୁଭ ହୋଇଥାଏ । ମଙ୍ଗଳବାରରେ ଘର କିଣିବା, ବସ୍ତ୍ର କିଣିବା ଅନୁଚିତ । ଏହିଦିନ ଜନ୍ମ ନେଇଥିବା ବ୍ୟକ୍ତି କ୍ରୋଧୀ ପ୍ରକୃତିର ହୋଇଥାନ୍ତି ।

ବୁଧବାର: ଏହା ଶୁଭ ବାର ଶ୍ରେଣୀରେ ଆସିଥାଏ । ଗୃହ ପ୍ରବେଶ, ଅଧ୍ୟୟନ ପ୍ରାରମ୍ଭ କରିବା ପାଇଁ ଏହା ହେଉଛି ଉତ୍ତମ ଦିନ । ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଧାର୍ମିକ ପ୍ରବୃତ୍ତିର ହୋଇଥାନ୍ତି ।

ଗୁରୁବାର: ଏହିଦିନର ସ୍ୱାମୀ ଗ୍ରହ ହେଉଛନ୍ତି ବୃହସ୍ପତି । ଗୁରୁବାର ମଧ ସମସ୍ତ କାର୍ଯ୍ୟ ପାଇଁ ମଙ୍ଗଳଦାୟକ । ଏହିବାରରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସିଦ୍ଧ ହୋଇଥାଏ । ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ସଦ୍ ?ଗୁଣ, ଧାର୍ମିକ ଓ ତେଜସ୍ୱୀ ହୋଇଥାନ୍ତି ।

ଶୁକ୍ରବାର: ଏହିଦିନରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ରସିକ ସ୍ୱଭାବର ହୋଇଥାନ୍ତି । ତା'ସହ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାରେ ରୁଚି ରଖନ୍ତି । ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ଶୁଭ ହୋଇଥାଏ ।

ଶନିବାର: ସମସ୍ତ ବାର ମଧରେ ଶନିବାରକୁ ଅଶୁଭ ବୋଲି କୁହାଯାଏ । ଏହିଦିନ ଆରମ୍ଭ କରାଯାଉଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରି ନ ଥାଏ । କୁହାଯାଏ, ଏହିବାରରେ ସଫଳତା ସମ୍ଭାବନା ଥାଏ ଖୁବ୍ କମ୍ । ଏହି ଦିନ ଜନ୍ମଗ୍ରହଣ କରିଥିବା ଲୋକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ।

ରବିବାର: ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଏହି ବାର ଶୁଭ । ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଭାଗ୍ୟଶାଳୀ ହୋଇଥାନ୍ତି । ଏହିଦିନ ପୂର୍ବ ଦିଗରୁ ଯାତ୍ରା କଲେ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।



## ଓର୍ଛା



ଜଙ୍ଗଲ ପାହାଡ଼ ପରିବେଷ୍ଟିତ ସ୍ଥାନଟିଏ । ଉଚ୍ଚକୋଟୀର କଳା, ସଂସ୍କୃତି ଓ ସ୍ଥାପତ୍ୟ ତା'ର ପରିଚୟ । ନିଜର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଏବଂ ଐତିହାସିକ ଗାଥାରେ ପର୍ଯ୍ୟଟକଙ୍କୁ ବିମୋହିତ କରାଇ ପାରୁଥିବା ଏହି କ୍ଷେତ୍ରଟି ହେଉଛି 'ଓର୍ଛା' ।

ମଧ୍ୟପ୍ରଦେଶର ଉତ୍ତର ଭାଗରେ ବେଟଓ୍ୱା ନଦୀକୂଳରେ ଅବସ୍ଥିତ ଓର୍ଛା ଏକ ଛୋଟିଆ ସହର । ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ, ଏହି ସ୍ଥାନଟି ୧୫୩୧ ମସିହାରେ ବୁନ୍ଦେଲା ଶାସକଙ୍କ ଦ୍ୱାରା ଅବିଷ୍କୃତ ହୋଇଥିଲା । ଷୋଡଶ ଓ ସପ୍ତଦେଶ ଶତାବ୍ଦୀର ସଂସ୍କୃତି ଓ ସ୍ଥାପତ୍ୟକୁ ନିଜ ବକ୍ଷରେ ଧରି ରଖିଥିବା ବହୁ ମନ୍ଦିର ତଥା ବଡ଼ବଡ଼ ପ୍ରାସାଦ, ମହଲ ହେଉଛି ଓର୍ଛାର ବିଶେଷ ଆକର୍ଷଣ । ଏହି ମନ୍ଦିର, ପ୍ରାସାଦ ଗୁଡିକୁ ଇଣ୍ଡୋ-ଇସଲାମିକ୍ କଳାରେ ବୁନ୍ଦେଲା ଶାସକ ନିର୍ମାଣ କରିଥିଲେ ବୋଲି ପ୍ରସ୍ତରରେ ଲିପିବଦ୍ଧ ହୋଇଛି । ଓର୍ଛା ଠାରୁ ମାତ୍ର ୧୬ କିଲୋମିଟର ଦୂରରେ ଅବସ୍ଥିତ ଝାନ୍‌ସୀ ଦୁର୍ଗ ସେ ସମୟର ଏକ ଐତିହାସିକ ଗୌରବ ଯାହା ଦେଖିବାକୁ ପର୍ଯ୍ୟଟକ ମାନଙ୍କ ମନରେ ଥାଏ ଗଭୀର ଉତ୍କଣ୍ଠା । ଯଦିଓ ଓର୍ଛାର ପରିବେଶ ଗ୍ରୀଷ୍ମ ଜଳବାୟୁ ପାଇଁ ଆରାମଦାୟକ କିନ୍ତୁ ଶୀତଋତୁରେ ଏହି ସ୍ଥାନ ଭ୍ରମଣର ମଜା କିଛି ନିଆରା । ତେଣୁ ଏହି ଶୀତ ସରିଆସୁଥିବା ଆଉ ଖରା ଆରମ୍ଭ ହୋଇ ଆସୁଥିବା ପାଗରେ ଆସନ୍ତୁ ବୁଲିଯିବା ଓର୍ଛା । ତେବେ ଏଠାକୁ ଗଲେ ଆପଣ ଆହୁରି ଅନେକ ଐତିହ୍ୟ ପାଖରୁ ଦେଖିବାର ସୁଯୋଗ ମଧ୍ୟ ପାଇବେ ।

ଦେଖିବେ କ'ଣ- ଜାହାଙ୍ଗୀର ମହଲ: ଓର୍ଛାର ସବୁଠାରୁ ସୌନ୍ଦର୍ଯ୍ୟମୟ ସ୍ଥାନ ହେଲା ଜାହାଙ୍ଗୀର ମହଲ । ଏହି ମହଲକୁ ରାଜା ବୀରସିଂହ ଜୁଦିଓ ନିର୍ମାଣ କରିଥିଲେ ମହଲରେ ମୁଖ୍ୟ ଆକର୍ଷଣ ହେଲା ଦୁଇଟି ହସ୍ତୀ । ଏଠାରେ ଇସଲାମିକ୍ ସ୍ଥାପତ୍ୟ କଳାରେ ପ୍ରାୟ ସବୁ ଐତିହାସିକ କିର୍ତ୍ତିରାଜି ନିର୍ମାଣ କରାଯାଇଛି ।



ରାଜା ପ୍ରବୀଣ ମହଲ: ଏହି ମହଲ ସପ୍ତଦଶ ଶତାବ୍ଦୀରେ ରାଜା ଇନ୍ଦ୍ରମଣିଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ରାଜା ଇନ୍ଦ୍ରମଣି ତାଙ୍କ ପ୍ରିୟ ବାଦ୍ୟକାର କବିରାଜ ପ୍ରବୀଣଙ୍କ ସ୍ମୃତିରେ ଏହି ମହଲ ନିର୍ମାଣ କରିଥିଲେ । ଉକ୍ତ ପ୍ରାସାଦଟି ଦୁଇ ମହଲା ବିଶିଷ୍ଟ । ରାଜା ପ୍ରବୀଣ ମହଲ ନିକଟରେ ଥିବା ଫ୍ଲାଓ୍ୱାର ଗାର୍ଡେନ୍ ଓ ଆନନ୍ଦ ମହଲ ମଧ୍ୟ ବେଶ୍ ଚିତ୍ତାକର୍ଷକ ଓ ଆମୋଦଦାୟକ ।

ଚତୁର୍ଭୁଜ ମନ୍ଦିର: ରାଜା ମଧୁକର ୧୫୫୮ ମସିହାରୁ ୧୫୭୩ ମସିହା ମଧ୍ୟରେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ । ପ୍ରଥମେ ଏହି ମନ୍ଦିରରେ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମା ପୂଜା ପାଉଥିଲା, କିନ୍ତୁ ପରେ ବିଷ୍ଣୁଙ୍କ ପ୍ରତିମା ପୂଜା ପାଇ ଆସୁଛି ।

ରାମ ରାଜା ମନ୍ଦିର: ପ୍ରଭୁ ଶ୍ରୀରାମଙ୍କ ପ୍ରତିମାକୁ ରାଜା ମଧୁର ଶାହା ନିଜ ପତ୍ନୀଙ୍କ ସହ ଅଯୋଧ୍ୟାରୁ ଓର୍ଛାକୁ ଆଣିଥିଲେ । ଉଭୟ ରାଜାରାଣୀ କୃଷ୍ଣ ଭକ୍ତ ହୋଇଥିବାରୁ ସେହି ମନ୍ଦିରର ସ୍ଥାପତ୍ୟକୁ ନିଜ ସାଧନାର ସହ ପୂର୍ଣ୍ଣ କରିଥିଲେ । ଗତକାଲିର ଚାରୁ ଚିତ୍ରକଳା ଓ ସଂସ୍କୃତିର ନିଖୁଣ ସ୍ଥାପତ୍ୟକୁ ନେଇ ଆଜି ଭ୍ରମଣକାରୀଙ୍କ ପାଇଁ ମୁଖ୍ୟ ଐତିହାସିକ ଓ ପର୍ଯ୍ୟଟନସ୍ଥଳ ସାଜିପାରିଛି ଓର୍ଛା ।

ଲକ୍ଷ୍ମୀନାରାୟଣ ମନ୍ଦିର: ଏଠାକାର ଲକ୍ଷ୍ମୀନାରାୟଣ ମନ୍ଦିର ଆକୃତି ଅତୀବ ମନମୁଗ୍ଧକର । ୧୬୨୨ ଖ୍ରୀଷ୍ଟାବ୍ଦରେ ରାଜା ବୀର ସିଂହଦେଓଙ୍କ ଦ୍ୱାରା ନିର୍ମିତ ଏହି ସ୍ଥାପତ୍ୟ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ପ୍ରସିଦ୍ଧି ଲାଭ କରିଛି । ଏହାର ଆକୃତି ଏକ ଦୁର୍ଗ ସଦୃଶ । ଏଠାକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ଲକ୍ଷ୍ମୀନାରାୟଣଙ୍କ କୃପା ପାଇବାକୁ ଆଦୌ ଭୁଲନ୍ତି ନାହିଁ ।



କିପରି ଯିବେ: ଯାତ୍ରୀ ମାନଙ୍କୁ ଆକାଶମାର୍ଗର ସୁବିଧା ସୁଯୋଗ ଦେବାପାଇଁ ଓର୍ଛାଠାରୁ ମାତ୍ର ୧୧୯ କିଲୋମିଟର ଦୂରରେ ରହିଛି ଗ୍ୱାଲିଅର ବିମାନବନ୍ଦର । ଏଠାରୁ ଦିଲ୍ଲୀ ଓ ଭୋପାଳକୁ ବରାବର ବିମାନ ଚଳାଚଳ ସୁବିଧା ରହିଛି । ମାତ୍ର ୧୬ କିଲୋମିଟର ଦୂରରେ ରହିଛି ଝାନ୍‌ସୀ ରେଳଷ୍ଟେସନ । ମୁଖ୍ୟ ରାସ୍ତାକୁ ଆସିବା ପାଇଁ ଯେଉଁଠି ଟ୍ୟାକ୍ସି ଓ ବସ୍‌ର ମଧ୍ୟ ସୁବିଧା ରହିଛି । ଝାନସୀ ଓ ମୁଦରାଇ ରୋଡରେ ଅବସ୍ଥିତ ଥିବା ଓର୍ଛା ସହର ମଧ୍ୟପ୍ରଦେଶ ସହ ସଂଯୁକ୍ତ ହୋଇଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୧୬ ଡିସେମ୍ବର ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିରପେକ୍ଷତା...

ଗତ ମଙ୍ଗଳବାର ଦିନ ଭାରତ ସରକାର ନିର୍ବାଚନ କମିଶନ୍‌ର କମିଶନର (ଇସି)ମାନଙ୍କ ମନୋନୟନ ଏବଂ ଚାକିରି ସର୍ତ୍ତାବଳୀ ସମ୍ବଳିତ ସଂଶୋଧିତ ବିଲ୍ ଉପସ୍ଥାପନ କରିଥିଲେ । ମୂଳ ବିଲ୍ ଗତ ଅଗଷ୍ଟ ମାସରେ ରାଜ୍ୟସଭାରେ ଉପସ୍ଥାପିତ ହୋଇଥିଲା, କିନ୍ତୁ ବିଶେଷ କିଛି ଆଗେଇ ପାରି ନଥିଲା । ସମ୍ପ୍ରତି ଯେଉଁ ବିଲ୍ ଉପସ୍ଥାପିତ ହୋଇଛି, ତାହା ପୂର୍ବ ବିଲ୍‌ରେ ଇସିମାନଙ୍କ ମର୍ଯ୍ୟାଦା ଏବଂ କ୍ଷମତାକୁ ନ୍ୟୁନ କରୁଥିବାର ଯେଉଁ ଅଭିଯୋଗଟି ହୋଇଥିଲା, ତହିଁରେ ପରିବର୍ତ୍ତନ ଘଟାଇ ତାକୁ ଦୂର କରିବାରେ ସକ୍ଷମ ହୋଇଛି । ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି)ମାନଙ୍କ (ନିଯୁକ୍ତି, ଚାକିରି ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ବିଲ୍, ୨୦୨୩, ଯାହା ଭାରତୀୟ ନିର୍ବାଚନ କମିଶନରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥିର କରିଥାଏ, ତହିଁରେ ସମ୍ବିଧାନ- ପ୍ରଣେତାମାନଙ୍କ ଦ୍ୱାରା ଛାଡ଼ି ଦିଆଯାଇଥିବା ଏକ ଅଭାବକୁ ପୂରଣ କରିଛି, ଯାହା ଆମ ଗଣତନ୍ତ୍ରର ଏକ ପ୍ରମୁଖ ଅନୁଷ୍ଠାନ । ଏହି ବିଲ୍ ସୁପ୍ରିମ୍‌କୋର୍ଟଙ୍କ ଏକ ସାମ୍ବିଧାନିକ ଖଣ୍ଡପୀଠର ଆଦେଶ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଯାହା ନିର୍ବାଚନ କମିଶନରେ ହେଉଥିବା ନିଯୁକ୍ତିଗୁଡ଼ିକ କ୍ଷେତ୍ରରେ ଅନୁସୃତ ମନୋମୁଖୀ ପଦ୍ଧତିକୁ ନାପସନ୍ଦ କରି ଏହି ପ୍ରକ୍ରିୟା ସ୍ଥାନରେ ଏକ ବ୍ୟବସ୍ଥା ରଖୁଥିଲେ। ସେହି ବ୍ୟବସ୍ଥା ଅନୁସାରେ, ଯାହା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଏବଂ ଭାରତର ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ସିଇସି ଏବଂ ଇସିମାନଙ୍କ ନିଯୁକ୍ତି ପ୍ରଦାନ କରାଯିବାର ସୁପାରିସ କରିଥିଲା, ତାହା କମିଟିକୁ ସରକାରଙ୍କ ଦ୍ୱାରା ନିର୍ବିରୋଧ ଭାବରେ ମନୋନୀତ ନାମଗୁଡ଼ିକ ସୁପାରିସ କରିବାର କ୍ଷମତାରୁ ବଞ୍ଚିତ କରୁଥିଲା । ତେବେ ନ୍ୟାୟିକ ଆଦେଶ ଗୁରୁତ୍ୱାରୋପ କରିଥିଲା ଯେ ଏହାଙ୍କ ସୁପାରିସ ଉପରେ ଯେ ପର୍ଯ୍ୟନ୍ତ ସଂସଦ ଏକ ଆଇନ ପ୍ରଣୟନ ନ କରିଛି, ସେ ପର୍ଯ୍ୟନ୍ତ ଏହାର ଏକ ସୀମିତ କାର୍ଯ୍ୟ କ୍ଷମତା ରହିବ। ଗତ ମଙ୍ଗଳବାର ଦିନ ରାଜ୍ୟସଭା ଦ୍ୱାରା ପାରିତ ହୋଇଥିବା ନୂଆ ବିଲ୍‌କୁ ବସ୍ତୁତଃ ଶାସନ କ୍ଷମତାରେ ଥିବା ସରକାରଙ୍କ ନିକଟକୁ କେଉଁମାନେ କମିଟିରେ ରହିବେ, ତାହା ସ୍ଥିର କରି ନିଷ୍ପତ୍ତି ନେବା ନିମନ୍ତେ ଫେରାଇ ଦେଇଛନ୍ତି। ସିଇସି ଏବଂ ଇସିମାନଙ୍କ ମର୍ଯ୍ୟାଦା ତଥା ବେତନ ଏବଂ ଅନ୍ୟାନ୍ୟ ଭତ୍ତାଗୁଡ଼ିକ ଜଣେ ସୁପ୍ରିମ୍‌କୋର୍ଟର ବିଚାରପତିଙ୍କ ସଙ୍ଗେ ସମାନ ହେବ; ପୂର୍ବ ବିଲ୍ ଯେତେବେଳେ ଉପସ୍ଥାପିତ ହୋଇଥିଲା, ସେଥିରେ ଏସବୁ ଜଣେ କ୍ୟାବିନେଟ୍ ସଚିବଙ୍କ ସହିତ ସମାନ ହେବା ନେଇ ପରାମର୍ଶ ପ୍ରଦାନ କରାଯାଇଥିଲା । ଇସିଙ୍କ ନିମନ୍ତେ ପ୍ରାର୍ଥୀମାନଙ୍କର ଏକ ନାମ ତାଲିକା ପ୍ରସ୍ତୁତ କରିବାକୁ ଯେଉଁ କମିଟି ଗଠିତ ହେବ, ତା'ର ମୁଖ୍ୟ ଭାବରେ ପୂର୍ବରୁ ଜଣେ କ୍ୟାବିନେଟ୍ ସଚିବ ରହିବାକୁ ସୁପାରିସ କରାଯାଇଥିବା ବେଳେ ବର୍ତ୍ତମାନ ତା' ପରିବର୍ତ୍ତେ ଜଣେ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀ ରହିବେ । ନୂଆ ବିଲ୍ ଆହୁରି ମଧ୍ୟ ସିଇସି ଏବଂ ଇସିମାନଙ୍କୁ ପଦବୀରେ ଥିବା ସମୟରେ ସେମାନଙ୍କ କାର୍ଯ୍ୟ ନିର୍ବାହ ଅବସରରେ ସେମାନେ ଯଦି କିଛି କହିଥାନ୍ତି ବା କରିଥାନ୍ତି, ସେଥିପାଇଁ ସେମାନଙ୍କ ବିରୋଧରେ କୌଣସି ସିଭିଲ ବା ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ନାହିଁ କହି ସେମାନଙ୍କୁ ଆଇନ ଅଦାଲତକୁ ଯିବାରୁ ସୁରକ୍ଷା ପ୍ରଦାନ କରିଛି । ଏ ସବୁଯାକ ପରିବର୍ତ୍ତନ କରାଯିବା ଅବଶ୍ୟ ସ୍ୱାଗତଯୋଗ୍ୟ, କାରଣ ଏହା ସିଇସି ଏବଂ ଇସିମାନଙ୍କର ସ୍ୱାଧୀନତା, ସ୍ୱାୟତ୍ତତା ଏବଂ ସମ୍ମାନକୁ ରକ୍ଷା କରିବା କ୍ଷେତ୍ରରେ ଅବଦାନ ରଖୁବ। କହିବା ବାହୁଲ୍ୟ, କଦବା କ୍ୱଚିତ୍ ସେମାନଙ୍କର ଦୁର୍ବଳତା ପ୍ରଦର୍ଶନ କରିବା ସତ୍ତ୍ୱେ ଆମ ଗଣତନ୍ତ୍ରର ସମସ୍ତ ପ୍ରମୁଖ ଅନୁଷ୍ଠାନ, ତାହା ସାମ୍ବିଧାନିକ ଅଦାଲତଗୁଡ଼ିକ ହୁଅନ୍ତୁ, ନିର୍ବାଚନ କମିଶନ ହୁଅନ୍ତୁ ବା କମ୍ପ୍ଟ୍ରୋଲର ଏବଂ ଅଡିଟର ଜେନେରାଲ, ସମସ୍ତେ ସେମାନଙ୍କଠାରୁ ଆଶା କରାଯାଉଥିବା ନିରପେକ୍ଷତାକୁ ରକ୍ଷା କରିବା ନିମନ୍ତେ ଯଥେଷ୍ଟ ପ୍ରୟାସ କରିଛନ୍ତି। ଏକ ଗଣତନ୍ତ୍ର ତିଷ୍ଠି ରହିବା ନିମନ୍ତେ ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ଏକ ପ୍ରାଥମିକ ସର୍ତ୍ତ ଏବଂ ଏହା କରାଇବାର ଭାର ସମ୍ପୂର୍ଣ୍ଣ ଭାବରେ ନିର୍ବାଚନ କମିଶନଙ୍କ ଉପରେ ନ୍ୟସ୍ତ । ଏକ ଗଣତାନ୍ତ୍ରିକ ଅନୁଷ୍ଠାନ ନିଶ୍ଚିତ ଭାବରେ ସ୍ୱାଧୀନ ଏବଂ ନିରପେକ୍ଷ ରହିବା ଉଚିତ– ଏଇଥିପାଇଁ ନୁହେଁ ଯେ କର୍ମ ଚକ୍ରରେ ଥିବା ଲୋକମାନେ ସେମାନଙ୍କର କାର୍ଯ୍ୟ କରିବାକୁ ପସନ୍ଦ କରିଥାନ୍ତି; ବରଂ ତା' ପରିବର୍ତ୍ତେ ଏହା ନିକଟରେ ସେମାନଙ୍କର ସ୍ୱାଧୀନତା ଏବଂ ନିରପେକ୍ଷତାକୁ ସୁନିଶ୍ଚିତ କରାଇବା ନିମନ୍ତେ ଏକ ଆନୁଷ୍ଠାନିକ ବ୍ୟବସ୍ଥା ରହିବ । ବ୍ୟକ୍ତିମାନଙ୍କର ଚରିତ୍ର ନୁହେଁ, ବରଂ ଅନୁଷ୍ଠାନର ଚରିତ୍ର ହିଁ ଏହାର ନିଜର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରିବା ଉଚିତ। ଭାରତୀୟ ନିର୍ବାଚନ କମିଶନ ଗଣତନ୍ତ୍ରରୁ କ୍ଷମତାକୁ ଆହରଣ କରି ତଥା ପ୍ରକାରାନ୍ତରେ ଏହି ଗଣତନ୍ତ୍ରକୁ ସଶକ୍ତ କରି ଊଣା ଅଧିକେ ଏଯାବତ୍ ଲୋକମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଅନୁରୂପ ପ୍ରଦର୍ଶନ କରି ଆସିଛନ୍ତି । ଅବଶ୍ୟ କେବେ କେମିତି ଏହା ଶାସନ କ୍ଷମତାରେ ଥିବା ସରକାରଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିବା ନେଇ ଅଭିଯୋଗ ଉଠିଛି, ତେବେ ଏହା ଅଧ୍ୟକତଃ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ଲୋକମାନଙ୍କ ଇଚ୍ଛା ପ୍ରତିଫଳିତ ହେବାକୁ ସୁନିଶ୍ଚିତ କରାଇଛି । ତେଣୁ ସମ୍ପ୍ରତି ଜଣେ ସରକାରଙ୍କଠାରୁ ଆଶା କରିବା ସ୍ୱାଭାବିକ ଯେ ନୂଆ ବିଲ୍‌କୁ ଏହା ଏପରି ଭାବରେ ସଶକ୍ତ କରିବା ଆବଶ୍ୟକ, ଯଦ୍ୱାରା ଏହା ପ୍ରତିନିଧିମୂଳକ ଗଣତନ୍ତ୍ର ଏବଂ ସଂସଦୀୟ ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ ଓ ନିରପେକ୍ଷ କରିବ।



# ରାଜନୀତିକ ପଶାକାଠି: ଏକ ଉପଯୁକ୍ତ ଶିକ୍ଷା

## ଡକ୍ଟର ଲକ୍ଷ୍ମଣ ସାହୁ

ସମ୍ପ୍ରତି ବିଧାନସଭା ନିର୍ବାଚନରେ ଶାସକ ବିଜେପି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସକୁ ଏକ ବଡ଼ ଧରଣର ଶିକ୍ଷା ଦେଇଛନ୍ତି । ଶିକ୍ଷା ହେଉଛି ଦେଶ କେବେ ବି ଗୋଟିଏ ସ୍ଥିତିରେ ଠିଆ ହୁଏ ନାହିଁ । ପ୍ରତି ପାଞ୍ଚ ବର୍ଷରେ ଲୋକଙ୍କ ଆକାଂକ୍ଷାର ରାଶି ବଦଳିଯାଏ । ତେଣୁ ଲୋକଙ୍କୁ ବିଭାଜନ କରି ନିୟମ ଜାରି କରି ନିର୍ବାଚନ ଜିତିବା ଅସମ୍ଭବ ଅଟେ । ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡର ତିନୋଟି ରାଜ୍ୟରେ ଦଳ ଦୁଇଟି ରାଜ୍ୟରେ କ୍ଷମତାରେ ଥିବା ସତ୍ତ୍ୱେ ଲୋକଙ୍କଠାରୁ ବିଚ୍ଛିନ୍ନ ହେବା କାରଣରୁ କଂଗ୍ରେସର ପତନ ଘଟିଛି । ଦକ୍ଷିଣ ରାଜ୍ୟ ତେଲେଙ୍ଗାନାରେ କିନ୍ତୁ କଂଗ୍ରେସ ଜିତିଛି। ଯଦିଓ ୧୧୯ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏହାର ସଂଖ୍ୟା ପୂର୍ବତନ ଶାସକ ଦଳ ଭାରତ ରାଷ୍ଟ୍ର ସମିତି ଓ ବିଜେପି, ଏମଆଇଏମ ଓ ଅନ୍ୟ ବିରୋଧୀ ତଥା ସ୍ୱାଧୀନ ସଦସ୍ୟଙ୍କ ତୁଳନାରେ ଅଧିକ ଥିଲା । ତେଣୁ ହାଇଦ୍ରାବାଦରେ 'ଅପରେସନ୍ ଲୋଟସ୍' ନାମକ ବିଧାୟକ କ୍ୟାପଚର ଖେଳରେ ବିଜେପି ଦୀର୍ଘ ସମୟ ଚୁପ୍ ରହିପାରିବ ନାହିଁ ।

କହିବାକୁ ଗଲେ ଶତ୍ରୁ ଭାବରେ ବିଜେପି ଯେତିକି ନିର୍ଦ୍ଦୟ ସେତିକି କ୍ଷମା ମଧ୍ୟ ଦେଉନାହିଁ । କିନ୍ତୁ ଯଦି ରାଜନୀତିର ପୁରୁଣା ସୈନିକ କଂଗ୍ରେସ ଦ୍ୱାରରେ ବସିଛନ୍ତି, ତା'ହେଲେ ନୂତନ ପିଢ଼ିର ଭୋଟରଙ୍କ ପ୍ରବାହ ତାଙ୍କ ପାଇଁ ଅଜଣା ରହିବ ! ଲଗାତାର ଦୁଇଟି ଲୋକସଭାରେ ବିଜେପି ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି । କିଛି ଉଚ୍ଚାଭିଳାଷୀ ବ୍ୟବସାୟୀଙ୍କ ସହ ମୋଦୀଙ୍କ 'ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ' ସମ୍ପର୍କ ଥିବାରୁ ଦଳ ବର୍ତ୍ତମାନ ଏତେ ସମନ୍ୱିତ ହୋଇଛି ଯେ ପାରମ୍ପାରିକ ପୋଷ୍ଟର-ଫେଷ୍ଟରେ କଂଗ୍ରେସ ଓ ଅନ୍ୟ ଦଳ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଅସମ୍ଭବ । ନିର୍ବାଚନ ଯୁଦ୍ଧ । କିନ୍ତୁ ସଂଗ୍ରାମ ଯାହା ଅସଙ୍ଗତ ଥିବାବେଳେ ସମ୍ଭାବ୍ୟତାର ସୀମା ଅତିକ୍ରମ କରେ ନାହିଁ, ତାହା ହେଉଛି ଚୟନକର୍ତ୍ତାଙ୍କ ବିଭିନ୍ନ ବିଭାଗର ମନ ପଢ଼ିବାର କ୍ଷମତାର ପ୍ରଦର୍ଶନ । ମୋଦୀ ପୁଣି ଥରେ ପ୍ରମାଣ କରିଛନ୍ତି ଯେ ସେ ମଧ୍ୟ ଏହି କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା ଭଲ। ଯଦି ବିରୋଧୀ ଏହି ବ୍ୟବଧାନ ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ଆଗାମୀ ଲୋକସଭା ନିର୍ବାଚନରେ ବିଜେପି ବ୍ୟତୀତ ଅନ୍ୟ କୌଣସି ଜାତୀୟ ଦଳ ଗଣନା କରିବେ କି ନାହିଁ ତାହା ସନ୍ଦେହଜନକ । ଏହା ନିଶ୍ଚିତ ଭାବରେ ଏକ ଦଳ ଭାରତରେ ରୁଷ କିମ୍ବା ଆରବ ଶାହି ପରି ଏକଛତ୍ରବାଦୀ ଶାସନ ପାଇଁ ବାଟ ଖୋଲିବ ।

ଉତ୍ତର-ପୂର୍ବ ଭାରତର ମିଜୋରାମରେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହାକୁ ବର୍ତ୍ତମାନର ଆଲୋଚନାରେ ନଆଣି, କୁହାଯାଇପାରେ ଯେ ନଭେମ୍ବରରେ ଚାରିଟି ରାଜ୍ୟରେ ନିର୍ବାଚନ କଂଗ୍ରେସ ପାଇଁ ୨୦୨୪ ପୂର୍ବରୁ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତିର ପରୀକ୍ଷା ଥିଲା । ସେହି ପରୀକ୍ଷଣରେ, ତିନୋଟି ରାଜ୍ୟରେ କଂଗ୍ରେସ ଯୋଜନାର ଅଭାବ ଦେଖାଦେଇଥିଲା । ବେଳେବେଳେ ପରିଶ୍ରମ, ବେଳେବେଳେ ଉଭୟ ୨୦୧୮ ଓ ୨୦୨୩ର ଦୁଇଟି ନିର୍ବାଚନରେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କଂଗ୍ରେସର ଆସନ ୨୮୨ରୁ ହ୍ରାସ ପାଇ ପ୍ରାୟ ୪୦ ପ୍ରତିଶତ ହ୍ରାସ ପାଇଛି । କିନ୍ତୁ ମଧ୍ୟପ୍ରଦେଶ ବ୍ୟତୀତ (ଯେଉଁଠାରେ ଏକକାଳୀନ ଯୋଜନା ଓ ସ୍ଥିରତାର ଅଭାବ ରହିଛି) ଅନ୍ୟ ଦୁଇ ରାଜ୍ୟରେ ବିଜେପିର ଭୋଟ୍ ହାର କଂଗ୍ରେସ ତୁଳନାରେ ଅଧିକ ନୁହେଁ ।

ରାଜସ୍ଥାନରେ ପାର୍ଥକ୍ୟ ହେଉଛି ମାତ୍ର ୨.୧୬ ପ୍ରତିଶତ । ଯଦିଓ କଂଗ୍ରେସର ମୋଟ ଭୋଟ୍ ଯଥେଷ୍ଟ, ଏହା ସୀମିତ ସଂଖ୍ୟକ ଅଞ୍ଚଳରେ ବ୍ୟାପିଛି । ଏହାର ମୁଖ୍ୟ କାରଣ ହେଉଛି, କେନ୍ଦ୍ରରେ ପ୍ରାୟ ଏକ ଦଶନ୍ଧି ଧରି ବହିଷ୍କୃତ ହେବା ପରେ ଜାତୀୟ କଂଗ୍ରେସ ସହିତ ରାଜ୍ୟଗୁଡ଼ିକର ପଲ୍ଲ ଏବେ କଷ୍ଟକର । ଫଳସ୍ୱରୂପ, ରାଜ୍ୟ ସ୍ତରରେ ଦଳ ବର୍ତ୍ତମାନ ରାଜ୍ୟ ସଭାପତି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଉପରେ ନିର୍ଭରଶୀଳ । ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶରେ ୨୦୧୮ ନିର୍ବାଚନରେ ମଧ୍ୟପ୍ରଦେଶରେ କଂଗ୍ରେସର ବିଜୟ ପରେ ସଞ୍ଜୟ ଗାନ୍ଧୀଙ୍କ ଡୁନ୍ ସ୍କୁଲ୍ ସାଥୀ କମଲ ନାଥ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ସହ-ନେତା ଜ୍ୟୋତିରାଦିତ୍ୟ ସ୍କିଣ୍ଡିଆ ଓ ବିଜେପିର ଷଡ଼ଯନ୍ତ୍ର ଯୋଗୁଁ ପନ୍ଦର ମାସ ମଧ୍ୟରେ ତାଙ୍କ ସରକାର ସଂପନ୍ନ ହେଲା । କିନ୍ତୁ କଂଗ୍ରେସ ତାଙ୍କୁ ରାଜ୍ୟ ଦଳ ଭାବେ ଗ୍ରହଣ କଲା । କିନ୍ତୁ ଏହା ପରେ ସେ ଚିନ୍ତାରେ ବିଜେପି ଅନୁସରଣ କରିବା ଆରମ୍ଭ କରିଥିଲେ । ସେ ନିଜର ହନୁମାନ ଭକ୍ତଙ୍କୁ ଜନସାଧାରଣଙ୍କ ନିକଟରେ ପ୍ରଚାର କରିଥିଲେ। ନିର୍ବାଚନ କ୍ଷେତ୍ରରେ ପ୍ରଭୁ ଶ୍ରୀହନୁମାନଙ୍କ ୧୦୧ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା । ଧିରେ ଧିରେ କମଲ ନାଥ ବାଗେଶ୍ୱର ଧାମର ବିବାଦୀୟ ସାଧୁ ଧିରେନ୍ଦ୍ର ଶାସ୍ତ୍ରୀଙ୍କ ନିକଟତର ହୋଇଥିଲେ । ଶାସ୍ତ୍ରୀ 'ହିନ୍ଦୁ ରାଷ୍ଟ୍ର'ର ଜଣେ ସମର୍ଥକ । ସେ ଯାଦୁରେ ସିଦ୍ଧ ଅଟନ୍ତି । ଯେତେବେଳେ ସେ ଯୁକ୍ତିଯୁକ୍ତଙ୍କ ଯାଦୁ ଚ୍ୟାଲେଞ୍ଜରୁ ସତ୍ୟଜିତ୍ ରାୟଙ୍କ ମହାପୁରୁଷଙ୍କ ପରି ଡକ୍ କରିଥିଲେ ସେତେବେଳେ ତାଙ୍କ ବିଷୟରେ ଏକ ଗଣମାଧ୍ୟମର ଉତ୍କଣ୍ଠା ଥିଲା ।

କମଲ ନାଥ କେବଳ 'ନରମ ହିନ୍ଦୁତ୍ୱ'ର ପ୍ରଚାରକ ନୁହଁନ୍ତି । ପଡୋଶୀ ଛତିଶଗଡର କଂଗ୍ରେସ ମୁଖ୍ୟମନ୍ତ୍ରୀ ଭୁପେଶ ବାଗେଲ ସରକାରୀ ପାଣ୍ଠିରେ 'ରାମ ବନଗମମାନ ପଥ' ନିର୍ମାଣ କରିଥିଲେ ଏବଂ 'କୌଶଲ୍ୟା ମା'ଙ୍କ ମନ୍ଦିର ନିର୍ମାଣ କରିଥିଲେ । ଭୋଟର ମାନେ ବିଶ୍ୱାସ କରନ୍ତି ଯେ ହିନ୍ଦୁତ୍ୱ ପାଇଁ ଏହି ଅନୁସନ୍ଧାନର ମୂଳରେ କଂଗ୍ରେସର ପାରମ୍ପାରିକ 'ହିନ୍ଦୁ ବିରୋଧୀ' ଭାବମୂର୍ତ୍ତି ହେଉଛି । କିନ୍ତୁ ବିଜେପିର ଦୀର୍ଘ ପ୍ରତିଷ୍ଠିତ ତଥା ଆକ୍ରମଣାତ୍ମକ ହିନ୍ଦୁତ୍ୱ ନିକଟରେ କଂଗ୍ରେସର ଏହି 'ନରମ' ହିନ୍ଦୁତ୍ୱ ଜାତି କେତେ ? ମଧ୍ୟପ୍ରଦେଶରେ ଏଥର ବିଜେପିର ଭୋଟ୍ କଂଗ୍ରେସ ଠାରୁ ୮ ପ୍ରତିଶତ ଅଧିକ । ହିନ୍ଦୁ ଧର୍ମ ସହିତ ନୁହେଁ, ଧର୍ମନିରପେକ୍ଷତା ସହିତ ଲଢ଼ିବା ଆବଶ୍ୟକ ଥିଲା ।

ଅନ୍ୟପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରବର୍ତ୍ତନରେ କଂଗ୍ରେସର ଅବିଭକ୍ତ 'ଚିନ୍ତକ' ରାହୁଲ ଗାନ୍ଧୀ ଓବିସି ସଂରକ୍ଷଣ ଏବଂ ଗଣନା ପାଇଁ ଚିତ୍କାର କରିବା ଆରମ୍ଭ କରିଥିଲେ ମଧ୍ୟ ତାଙ୍କର ଫଳାଫଳ କୌଣସି ପ୍ରଭାବ ପକାଇ ନଥିଲା । ବାସ୍ତବରେ, 'ମଣ୍ଡଳ ରାଜନୀତି' ଚାରି ଦଶନ୍ଧିର ଏକ ପୁରୁଣା କାହାଣୀ । ମୋଦୀ ତାଙ୍କର ଅସାରତାକୁ ବୁଝିଥିଲେ । ନିକଟରେ କହିଛନ୍ତି, ତାଙ୍କ ବିଚାରରେ ଚାରି ଜାତି ଗରିବ, ଯୁବକ, ମହିଳା ଓ କୃଷି ଶ୍ରମିକ । ନିର୍ବାଚନ ରାସ୍ତାରେ 'ମଣ୍ଡଳ' ଓ 'କମଣ୍ଡଳୁ' ମାଧ୍ୟମରେ ଏହା ହେଉଛି ଯାତ୍ରା ।

କଂଗ୍ରେସ ନେତାମାନେ ସେମାନଙ୍କ ଅର୍ଥ ବାହାରେ ଅନେକ ଆର୍ଥିକ ପ୍ରତିଶ୍ରୁତି ଦେଇଛନ୍ତି । ବାଗେଲ ଅଧୀନରେ ରାଜ୍ୟରେ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୬୦୦ ଟଙ୍କା, ଯାହା ରାଜ୍ୟରେ ସର୍ବାଧିକ । ଯଦି ଜାଇଟ୍ ରିଟର୍ନ କରେ, ନିଶ୍ଚିତ ଉତ୍ପାଦକମାନଙ୍କୁ ଏମଏସପି (MSP) ୩୬୦୦କୁ ଲମ୍ଫ ଦେବ । ମଧ୍ୟପ୍ରଦେଶରେ କମଲ ନାଥ ଓ ବିଜେପି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏକ ନିଲାମରେ ନିୟୋଜିତ ହୋଇଥିଲେ । ଶିବରାଜଙ୍କ ପ୍ରସିଦ୍ଧ 'ଲଡଲି ବାହାନା ଯୋଜନା' (L-B-J) - ସରକାରୀ ସହାୟତା - ୧୦୦୦ ଟଙ୍କା ଯଦି ଝିଅ ୨୧ରେ ପହଞ୍ଚି ଅବିବାହିତ ରହେ, କମଲ ନାଥ ୧,୫୦୦ ଟଙ୍କା ଦିଅନ୍ତି । ଶିବରାଜ ୧୨୫୦ ଦେବାକୁ ବାଧ ହୋଇଥିଲେ ଓ ସୁଧ ୩୦୦୦ କୁ ବୃଦ୍ଧି ପାଇବ ବୋଲି ସୂଚନା ଦେଇଥିଲେ । ଏହା ସତ୍ତ୍ୱେ ରାଜ୍ୟରେ ୮୦ % ମହିଳା-ଭୋଟର ପଦ୍ମ ପ୍ରଦାନ କରି ପ୍ରମାଣ କରିଛନ୍ତି ଯେ ଗୋଟିଏ ଜାଲରେ ଧରାଯାଇଥିବା ଗୋଟିଏ ମାଛ ନଦୀରେ ଲକ୍ଷ ଲକ୍ଷରୁ ଅଧିକ ମାଛର ମୂଲ୍ୟ ଅଟେ । ଏହା ବ୍ୟତୀତ ସମସ୍ତେ ବୁଝନ୍ତି ଯେ କେନ୍ଦ୍ରୀୟ ଦୟା ବିନା ପ୍ରିୟ ଭାଇ କିମ୍ବା ଭଉଣୀ ପାଇଁ ସାହାଯ୍ୟର ଭରଣା ନାହିଁ । ଚଳିତ ବର୍ଷର ପ୍ରଥମ ଦଶ ମାସରେ ଶିବରାଜ ସରକାର କୃଷି କ୍ଷେତ୍ର ପାଇଁ ୧୧,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଇନ୍ଦିରା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ନରେନ୍ଦ୍ର ମୋଦୀ ପର୍ଯ୍ୟନ୍ତ ସମସ୍ତ ନେତା ଗରିବ ଲୋକଙ୍କୁ ଏକ ନିମ୍ନ ଶ୍ରେଣୀ ବୋଲି ଭାବନ୍ତି । କିନ୍ତୁ ଗରିବଙ୍କ ଚରିତ୍ର ସମୟ ସହିତ ବଦଳିଯାଏ । ଇନ୍ଦିରା ଭାବିଲେ ବ୍ୟାଙ୍କ ଜାତୀୟକରଣ ଜୀବିକା ନିର୍ବାହ କରିବ; କିନ୍ତୁ ସେଠାରେ ବ୍ୟାଙ୍କ ଡକାୟତି ଏବଂ ଅସମ୍ଭବ ଆର୍ଥିକ ଅଭାବ ରହିଛି । ତଥାପି ଦଶନ୍ଧି ଧରି କଂଗ୍ରେସ କେବଳ ଗୋଟିଏ କଥା ଶୁଣିଛି କୃଷକ ଋଣ ଛାଡ । ୨୦୦୪ ପରଠାରୁ ସୋନିଆ ଗାନ୍ଧୀ ଶହେ ଦିନର କାମ ପାଇଁ ଟଙ୍କା ପାଇବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଏଥିରେ କୌଣସି କପିରାଇଟ୍ ନାହିଁ । ମହାତ୍ମା ଗାନ୍ଧୀଙ୍କୁ ଦୁଇଥର ଅବହେଳା କରିବା ପରେ ମଧ୍ୟ ମୋଦୀ ମହାତ୍ମା ଗାନ୍ଧୀଙ୍କ ନାମରେ ୧୦ ବର୍ଷ ଧରି ବ୍ୟବହାର କରୁଛନ୍ତି । ଗରିବମାନେ ମୋଦୀଙ୍କ ଆଡ଼କୁ ମୁହାଁଇଥିବା କଥା ଦେଶର ଆକାଂକ୍ଷା-ବଶବର୍ତ୍ତୀ ଜିଲ୍ଲାର ନିର୍ବାଚନୀ ବାସ୍ତବତାରେ ସ୍ପଷ୍ଟ ହୋଇଛି । ଏହିପରି ୧୧୨ ଟି ଜିଲ୍ଲା ମଧ୍ୟରୁ ୨୬ ଟି ଚାରୋଟି ରାଜ୍ୟରୁ ଆସିଛି । ସେମାନଙ୍କର ମୋଟ ବିଧାନସଭା ନିର୍ବାଚନମଣ୍ଡଳୀ ୮୧, ଯେଉଁଥିରୁ ବିଜେପି ୫୨ ଟି ଜିତିଛି । ୨୦୧୮ ନିର୍ବାଚନରେ ଏହି ସଂଖ୍ୟା ୨୩ ଥିଲା ।

ଏଥିରୁ ସ୍ପଷ୍ଟ ଯେ ବିଜେପି ଦ୍ୱାରା ନିୟନ୍ତ୍ରିତ ଦଳ ଏବଂ ସରକାରୀ ମିଶ୍ରଣର ବିଶାଳ ସାମ୍ରାଜ୍ୟ ଅନେକ ବିଭାଗର ବିଶ୍ୱାସ ବଜାୟ ରଖିବାରେ ସକ୍ଷମ । ତାଙ୍କ ପାଇଁ ଅତ୍ୟାବଶ୍ୟକ 'କାହାଣୀ' ହେଉଛି ହିନ୍ଦୁ ଜାତୀୟତା । ପାଶ୍ଚାତ୍ୟ ଗଣତନ୍ତ୍ରରେ ଆରମ୍ଭ ହୋଇଥିବା ଅଳ୍ପ କେତେକ ଦେଶବାସୀଙ୍କ ପାଇଁ ଏହା ଏକ ଛୋଟ ଚିନ୍ତାଧାରାର ଲକ୍ଷଣ। କିନ୍ତୁ ଏକ ବୃହତ ଜନସଂଖ୍ୟା ଦ୍ୱାରା ଏହାର ଗ୍ରହଣ ଅତ୍ୟଧିକ ଅଟେ । ଯେତେବେଳେ ବି କୌଣସି ସ୍ଥାନରେ ବିରୋଧର ଫର୍ଦ୍ଦ ଥାଏ, ବିରୋଧକାରୀଙ୍କୁ ବିନା ବିଚାରରେ କାରାଗାରରେ ରଖାଯାଏ । ରାହୁଲ ଗାନ୍ଧୀ ଶିଳ୍ପପତି ଆଦାନୀଙ୍କ ସହ ମୋଦୀଙ୍କ 'ବନ୍ଧୁତା' ବିଷୟରେ କଥାବାର୍ତ୍ତା କରୁଥିବାବେଳେ ତାଙ୍କ ଦଳର ଦୁଇ ମୁଖ୍ୟମନ୍ତ୍ରୀ ଆଦାନୀଙ୍କ ସହ ଏମଓୟୁ ସ୍ୱାକ୍ଷର ଜାରି ରଖିଥିଲେ । ମୋଦୀ ଓ ତାଙ୍କ ବନ୍ଧୁ ଅମିତ ଶାହାଙ୍କ ଦ୍ୱାରା ବିରୋଧୀ ରାଷ୍ଟ୍ରକୁ ପଠାଯାଇଥିବା ସମସ୍ତ ରାଜ୍ୟପାଳ, ଯେଉଁମାନେ ରାଜ୍ୟସଭା ଦ୍ୱାରା ପଠାଯାଇଥିବା ବିଲ୍ ରେ କିଛି ନକରି କିଛି ମାସ ବସିଥାନ୍ତି । ଯଦି କୋର୍ଟ ଏହି ଆଚରଣ ଦେଖନ୍ତି, ତେବେ ଏହା ଶୁଣାଣି ପାଇଁ ଯୁଗ ଅତିକ୍ରମ କରେ । ସବୁକିଛି କେବଳ କିଛି ବିରୋଧୀ ଓକିଲଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥାଏ, କିମ୍ବା ରାହୁଲ ଗାନ୍ଧୀଙ୍କ ଏକ ବଡ଼ ଧକ୍କା ଭଳି ମନେହୁଏ...! ମନେହୁଏ ସାଧାରଣ ଲୋକଙ୍କ ମନ ପଢ଼ିବାରେ କଂଗ୍ରେସର ବିଫଳତା ଘଟିଛି ।

୨୦୨୪ ମସିହାରେ ମୋଦୀଙ୍କୁ ବହିଷ୍କାର କରିବା ଅର୍ଥାତ୍ ଦେହର ଧୂଳିରୁ ମୁକ୍ତି ପାଇବା ପାଇଁ ସମଗ୍ର ଶରୀରକୁ ଆଚ୍ଛାଦିତ କରିବା ଭଳି । ରାଜନୀତିକ ପଶାପାଲିରେ ଗୋଟି ଚାଳନା କରିବା ବାସ୍ତବରେ କୌତୂହଳ ପୂର୍ଣ୍ଣ । ବର୍ତ୍ତମାନ ୧୩୮ ବର୍ଷ ପୁରୁଣା ଦଳ ବଞ୍ଚିବା ପାଇଁ ଆସନ୍ତା ପାଞ୍ଚ ମାସ ମଧ୍ୟରେ ଏଭଳି କିଛି ଯାଦୁକରୀ କୌଶଳ ଉଦ୍ଭାବନ କରିବାକୁ ଚାହୁଁଛି..!!!

ତାରା ନିଳୟ , ପ୍ଲଟ- ୮୫୪/ଏ ,
ଚାଟରା ଶବରସାହି, ମୁକୁନ୍ଦ ପ୍ରସାଦ
ଖୋର୍ଦ୍ଧା -୫୫ ,
ମୋ: ୯୦୪୦ ୧୫୧୪୭୫



# ଧନୁ ସଂକ୍ରାନ୍ତି

## ଦେବରାଜ ପଟ୍ଟନାୟକ

ପୌଷ ମାସର ଶୀତ ଦିନରେ ଧନୁ ସଂକ୍ରାନ୍ତିର ଅବସରରେ ଧନୁ ମୁଆଁର ଆଦର ଓଡ଼ିଆଙ୍କ ଘରେ ଘରେ ରହିଥାଏ। କେବଳ ଗୁଡ଼ିଆ ଘର ପ୍ରସ୍ତୁତ ଖଇ ଓ ଗୁଡ଼ର ଧନୁ ମୁଆଁ ନୁହେଁ ଆଜିକାଲି ଗୁଡ଼ ବା ଚିନି ପ୍ରସ୍ତୁତ ଧନୁ ମୁଆଁ ସମସ୍ତଙ୍କର ପସନ୍ଦ। ଧନୁ ସଂକ୍ରାନ୍ତିର ପବିତ୍ର ଅବସରରେ ଓଡ଼ିଆ ଚଳଣୀର ଘରେ ଘରେ ବେଶ୍ ଆଦର ଥିବା ମୁଆଁର ଶ୍ରଦ୍ଧା ବେଶ୍ ନିଆରା। କୃଷିଭିତ୍ତିକ ଉତ୍କଳୀୟ ସଭ୍ୟତାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର। ମାର୍ଗଶୀର ମାସରେ ଲକ୍ଷ୍ମୀ ପୂଜା ବା ମାଣବସା ଅବସରପରେ ପୌଷମାସର ଆରମ୍ଭରେ ଚାଷୀମାନେ ପରମ ଆନନ୍ଦରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଖଳାବାଡ଼ିରୁ ଆଦର କରି ଗୃହ ପ୍ରାଙ୍ଗଣକୁ ନେଇଥାନ୍ତି। ସଂଯୋଗ ବଶତଃ ଏହି ସମୟରେ ଆଖୁ ଅମଳ ମଧ୍ୟ ସରିଥାଏ। ତେଣୁ ଶର୍କରାଯୁକ୍ତ ମିଶ୍ରିତ ପ୍ରସାଦରେ ତିଆରି ହୋଇଥିବା ମୁଆଁ ବା ଉଖୁଡ଼ା। ଗୃହର ଆରାଧ୍ୟଦେବତା ଓ ଧନଲକ୍ଷ୍ମୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଇଥାଏ। ଅମାବାସ୍ୟା ଓ ପୂର୍ଣ୍ଣିମାକୁ ଧରି ଚନ୍ଦ୍ରଙ୍କ କଳାର କ୍ଷୟ ବୃଦ୍ଧି ସହିତ ଚାନ୍ଦ୍ରମାନ ଓ ସଂକ୍ରାନ୍ତି କଳାରେ ଓ ସୌରମାନ ମାସ ଆମର ପଞ୍ଜିକାରେ ଅନ୍ତର୍ଭୁକ୍ତ। ଧନୁ ମାସ ହେଲା ହନୁ ନଚଳିଲା କହିବାକୁ ବଡ଼ ଲାଜ, ମୁଁ ଆଁ କରିଅଛି, ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ। ଉତ୍କଳଘଣ୍ଟ ହାସ୍ୟରସିକ କବି ଯଦୁମଣିଙ୍କର ରାଜନଙ୍କୁ ଏ ଉକ୍ତି ସୂଚୀତ କରେ, ଧନୁ ବା ପୌଷ ମାସରେ ଧନୁ ମୁଆଁ ଖାଇବା ସତେ ଯେପରି ଏକ ବୈଧାନିକ ବ୍ୟବସ୍ଥା, ଏବଂ ତହିଁରେ ବ୍ୟତିକ୍ରମ ହେତୁ କବିଙ୍କର ଏ ଖେଦ ! ପୁଷ ମାସରେ ଧାନ ଅମଳ ପରେ 'ଉଖୁଡ଼ା' ବା 'ମୁଆଁ'ର ପ୍ରସ୍ତୁତି ଓଡ଼ିଶୀ ଚଳଣିର ଏକ ବିଶେଷତ୍ୱ ଧନୁ ସଂକ୍ରାନ୍ତୀର ପ୍ରସିଦ୍ଧ ମୁଆଁ ଭୋଗ ପାଇଁ।

ସଂକ୍ରାନ୍ତି ପାଳନର ପରମ୍ପରା ଓଡ଼ିଆ ଘରେ ପରିଦୃଷ୍ଟ ହୋଇଥାଏ। ବର୍ଷ ତମାମ ବିଭିନ୍ନ ସଂକ୍ରାନ୍ତି ପଡ଼ୁଥିଲେ ମଧ୍ୟ ଧନୁସଂକ୍ରାନ୍ତିର ବେଶ୍ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି। ଏହି ଦିନ ଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପହିଲି ଭୋଗ ଆରମ୍ଭ ହୋଇଥାଏ। ଆଗାମୀ ଡିସେମ୍ବର ୧୬ରେ ପଡ଼ୁଛି ଏହି ଧନୁ ସଂକ୍ରାନ୍ତି। ପୌଷ ମାସର ପ୍ରଥମ ଦିନ ଧନୁ ସଂକ୍ରାନ୍ତି ଭାବେ ପାଳନ କରାଯାଏ। ଏହି ଦିବସରୁ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ। ପ୍ରଭାତୀ କୀର୍ତ୍ତନ ବନ୍ଦ ରହେ। ପୌଷ ମାସର ପବିତ୍ରତା ଯୋଗୁଁ ପୁଷ୍ୟାଭିଷେକ ଅନୁଷ୍ଠିତ ହୁଏ। ଏହି ସଂକ୍ରାନ୍ତିର ସ୍ୱରୂପ ବର୍ଣ୍ଣନା କରି ପଞ୍ଜିକାର କହନ୍ତି ଏ ସଂକ୍ରାନ୍ତିର ନାମ ମହୋଦରୀ। ଏ ମାସର ସଂକ୍ରାନ୍ତି ପୁରୁଷ ପଶୁ ଜାତି, ପୌଢ଼ା ବୟସ, ରକ୍ତ ବସ୍ତ୍ର ପରିଧାନ କରି ଗୋରଚନା ଲେପନ ଓ ବେଲପତ୍ର ଭୂଷିତ ହୋଇ ଦୁର୍ମୁଖାବସ୍ଥାରେ ସୀମା ଆସି, ପୂର୍ବ ଦିଗକୁ ଦୃଷ୍ଟି ଦେଇ ଦକ୍ଷିଣ ଦିଗକୁ ଗମନ କରିବେ। ପୁଷ ମାସରେ ଧାନ ଅମଳ ପରେ ଉଖୁଡ଼ା ବା ମୁଆଁର ପ୍ରସ୍ତୁତି ଓଡ଼ିଆ ଚଳଣୀର ଏକ ବିଶେଷତ୍ୱ। ଧନୁ ସଂକ୍ରାନ୍ତିର ପ୍ରସିଦ୍ଧି ମୁଆଁ ଭୋଗ ପାଇଁ। ଧନୁ ସଂକ୍ରାନ୍ତି ଦିନ ମୁଆଁକୁ ଠାକୁରଙ୍କ ପାଖରେ ଭୋଗ ଲଗାଯାଏ। ଧନୁ ସଂକାନ୍ତି ଡିସେମ୍ବର ୧୬ ତାରିଖରେ ପଡ଼ୁଥିବାରୁ ଏହା ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ ଅନ୍ତର୍ଭୁକ୍ତ। ଏହି ଦିବସ ଠାରୁ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ଜାନୁଆରୀ ୧୪ ତାରିଖରେ ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ। ଓଡ଼ିଆଙ୍କର ବାର ମାସ ତେର ପରବ ଭିତରେ ଯେଉଁ ରୀତିନୀତି ବେଶ୍ ଗର୍ବିତ ମନେ ହୋଇଥାଏ ତା ଭିତରେ ଅନ୍ୟତମ ପ୍ରିୟ ହେଉଛି ଧନୁମୁଆଁ। ଧନୁ ସଂକ୍ରାନ୍ତିର ପବିତ୍ର ଅବସର ଆମ ପ୍ରିୟ ଓଡ଼ିଆ ଘରର ପାଟି ସୁଆଦ ମୁଆଁଟିକୁ ଯେ ଏହି ଦିବସରେ ମନେପକାଉଛି ଏହା ହିଁ ଆନନ୍ଦର ଅଭିବ୍ୟକ୍ତି।

ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ,
ମିଶନ ରୋଡ଼, ବକ୍ସି ବଜାର, କଟକ,
ମୋ: ୯୮୬୧୧୮୭୨୧୨




## ଚିରନ୍ତନ

### ସୁଧାଂଶୁ ଦ୍ୱିବେଦୀ



ସୂର୍ଯ୍ୟଙ୍କୁ ଶୋଭିତରୁ
ଚାନ୍ଦକୁ ଚାନ୍ଦିନୀରୁ
ସୁମନକୁ ସୁଗନ୍ଧରୁ
ନୀରଦକୁ ନୀରରୁ
ପୃଥକ କରି ହୁଏନି।
ଧୂଳିକୁ ରେଣୁରୁ
ସମୀରକୁ ଶୀତଳତାରୁ
ଶବ୍ଦକୁ ବର୍ଣ୍ଣରୁ
ଛନ୍ଦକୁ ରସରୁ
ପୃଥକ କରି ହୁଏନି।
ସ୍ୱରକୁ ଧ୍ୱନିରୁ
ସଳିତାକୁ ରୋଶଣିରୁ
ହୃଦୟକୁ ସ୍ପନ୍ଦନରୁ
କୀର୍ତ୍ତିକୁ କୃଷ୍ଣଙ୍କଠାରୁ
କେହି ପୃଥକ କରି ପାରିନି।
ଯାହା ସତ୍ୟ ଚିରନ୍ତନ
ଯାହା ଅକାଟ୍ୟ ଅକୀର୍ଣ୍ଣ
ଯାହା ଅଟଳ ଅସୁମାରୀ
ତାହା ହିଁ ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ।

+ବିସି-୭୪ ,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨

## ସନ୍ଥ ଚନ୍ଦ୍ରମଣି

### ଶୁଭେନ୍ଦୁ ମେହେର

ସଂସ୍କୃତି ସମ୍ପନ୍ନ ବଉଦ ଜିଲ୍ଲାର
ଫିରିଙ୍ଗିଆ ଗ୍ରାମ ଠାରେ
କୁଆଁ କୁଆଁ ରାବ ମୁଖରିତ ହେଲା
ଭୁବନ ଦ୍ୱିଜଙ୍କ ଘରେ ।

ଭୁବନ ଦ୍ୱିଜ ଯେ ଥିଲେ ଯଜୁର୍ବେଦୀ
ଦରିଦ୍ର ବ୍ରାହ୍ମଣ ଜଣେ
ପିତାମହ ତାଙ୍କ ଦୁର୍ଲ୍ଲଭ ଦ୍ୱିଜ ଯେ
ଥିଲେ ଅଭାବ କଷଣେ ।

ବ୍ରତ ବିଭାଘର ପୂଜା କର୍ମକାଣ୍ଡ
ତାଙ୍କର ଜୀବିକା ଥିଲା
ଭିକ୍ଷା ବୃତ୍ତି ବଳେ ପରିବାର ଚଳେ
ଜେମାଦେଇ ପୁରେ ଭଲା ।

ଘୁମୁସର ରାଜ୍ୟେ ପଡିଲା ଦୁର୍ଭିକ୍ଷ
ଅତି ଭୟାବହ ହୋଇ
ଚନ୍ଦ୍ରମଣି ପିତା ଅଭାବ କଷଣେ
ଶରୀର ଛାଡିଲେ ତହିଁ ।

ଅବୋଧ ବାଳକ ଚନ୍ଦ୍ରମଣି ସାଥେ
ଜନନୀ କୋମଳ ମତି
ସ୍ୱର୍ଣ୍ଣପୁର ରାଜ୍ୟେ ବାଗବର ଗ୍ରାମେ
ପିତ୍ରାଳୟେ ଉପସ୍ଥିତି ।

ପୂର୍ବ ଶିକ୍ଷା ବଳେ ମାତୁଳାଳୟରେ
ଆସ୍ତେ ଆସ୍ତେ ଚନ୍ଦ୍ରମଣି
ଗୀତା ଭାଗବତ ପୁରାଣ ଶାସ୍ତ୍ରାଦି
ପଠନ କରନ୍ତି ପୁଣି ।

ପୂଜା ପଦ୍ଧତି ଓ କର୍ମକାଣ୍ଡ ମଧ
ଶିକ୍ଷା କରୁଥିଲେ ତହିଁ
ବାର ବର୍ଷ ଯେବେ ହୋଇଲା ପୂରଣ
ମାତୃହରା ଗଲେ ହୋଇ ।

ନିଃସହାୟ ଭାବେ ମାମୁଁ ଘରେ ରହି
ଦିନ କାଟି ନ ପାରିଲେ
ଏମନ୍ତ ସମୟେ ସାଧୁ ଜଣେ ଆସି
ତହିଁ ଉପଗତ ହେଲେ ।

ସାଧୁଙ୍କ ବଚନେ ଯିବେ ବୃନ୍ଦାବନେ
ମନସ୍ଥ କରିଲେ ପୁଣ
ବୃନ୍ଦାବନ ଯାଇ ବୈଷ୍ଣବ ଧର୍ମରେ
ଦୀକ୍ଷିତ ହୋଇଲେ ଜାଣ ।

ବ୍ରଜବନ୍ଧୁ ଦାସ ମନ୍ତ୍ର ଦେଲେ ଯେଣୁ
ଚନ୍ଦ୍ରମଣି ହର୍ଷ ହେଲେ
ସୁଧାସାର ମଧ୍ୟେ ବ୍ରଜଦାସ କହି
ଚନ୍ଦ୍ରମଣି ଲେଖିଗଲେ ।

ତହୁଁ ଚନ୍ଦ୍ରମଣି ଗୁରୁଙ୍କ ନିର୍ଦ୍ଦେଶେ
ପୁରୁଷୋତ୍ତମେ ଆସିଲେ
ସେ ଲାଗି କେଜାଣି ଜଗନ୍ନାଥ ଆସି
ଗୋପାଳି ଗ୍ରାମେ ରହିଲେ ।

ପୁରୀ ଧାମେ ଯେବେ ରହିଲେ ସାଧକ
ବଦଳିଲା ଚିନ୍ତାଧାରା
ଶୂନ୍ୟ ବ୍ରହ୍ମବାଦ ପିଣ୍ଡ ଓ ବ୍ରହ୍ମାଣ୍ଡ
ନିରାକାର ତତ୍ତ୍ୱ ସାରା ।

ଏମନ୍ତ ସମୟେ ମାମୁଁଘର ଗ୍ରାମେ
ବାଗବର ଠାରେ ମନ
ତ୍ୱରିତେ ଫେରିଣ ବାଗବର ମଠେ
ସାଧନାରେ ହେଲେ ମଗ୍ନ ।

ଜୀବନ କାଳରେ ଅଧିକାଂଶ ଗ୍ରନ୍ଥ
ସେହିଠାରେ ଛନ୍ତି ଲେଖି
ନାରଦ ଗୀତା ଓ କୃଷ୍ଣ ସୁଧାମୃତେ
ବିଭୁକୃପା ଥିଲେ ଚାଖି ।

କିଛି କାଳ ଅନ୍ତେ ଉଲୁଣ୍ଡା ଅଞ୍ଚଳେ
ବାରିଗାଁ ମଠେ ପ୍ରେବେଶ
ଯହିଁ ଜଗନ୍ନାଥ ତହିଁ କୁ ଯାଆନ୍ତି
ସନ୍ଥ ଚନ୍ଦ୍ରମଣି ଦାସ ।

ଶିଷ୍ୟଙ୍କ ଗହଣେ ସାଧନାର ତୀରେ
ମଗ୍ନ ମନୋରଥ ସାଧୁ
ସନ୍ଥ ଚନ୍ଦ୍ରମଣି ସ୍ମୃତି ସମାରୋହ
ଏବେ ବି ଝରୁଛି ମଧୁ ।

ତହିଁ କିଛିକାଳ ବିତି ଗଲା ଯେଣୁ
ଆସନ୍ତି ଗୋପାଳି ଗ୍ରାମେ
ପାତାଳି ତ୍ରିକୁଟେ ସାଧନା କରନ୍ତି
ପ୍ରବେଶିଣ ମନ ଜାନେ ।

ଅମୃତମୟ ସେ ସୁଧାସାର ଗୀତା
ଏହିଠାରେ ଲେଖିଗଲେ
ସ୍ୱୟଂ ଜଗନ୍ନାଥ ଊନେଶ୍ୱତ ବର୍ଷ
ଏହିଠାରେ ରହିଥିଲେ ।

ସାଧନାରେ ସିଦ୍ଧ ଯୋଗୀ ଚନ୍ଦ୍ରମଣି
ବାଘପାଲି ଗ୍ରାମେ ରହି
ତ୍ରିକୁଟ ପର୍ବତେ ସାଧନା କରନ୍ତି
ଶିଷ୍ୟଙ୍କୁ ସଙ୍ଗତେ ନେଇ ।

କାୟା ବଦଳାଇ ମୃତକ ଶରୀରେ
ନିଜେ କରନ୍ତି ପ୍ରବେଶ
ଦେଖିଛନ୍ତି ଶିଷ୍ୟ କହେ ଇତିହାସ
ସାମାନ୍ୟ ନୁହେଁ ଅବଶ୍ୟ ।

ପୂର୍ଣ୍ଣ ଜଳାଶୟେ ନିଜସ୍ୱ ପାଦରେ
ଚାଲି ଯାଆନ୍ତି ସେ ସନ୍ଥ
ଅମୃତ ସନ୍ଧାନୀ ଅଲୌକିକ ଲୀଳା
ଦେଖିଛନ୍ତି ବହୁ ଭକ୍ତ ।

ମନ ଜାନେ ଯାଇ ତ୍ରିକୁଟ ଶୀର୍ଷରେ
ନିତି ଯୋଗଧ୍ୟାନ କରି
ପୁନଶ୍ଚ ମଠକୁ ଫେରି ଆସନ୍ତି ସେ
ମହାଜ୍ଞାନୀ ତପଚାରୀ ।

ପୁନଶ୍ଚ ଏଠାରେ ନିଜସ୍ୱ ଇଚ୍ଛାରେ
ହୋଇଛନ୍ତି ସମାଧିସ୍ଥ
ଦେହତ୍ୟାଗ ପୂର୍ବେ ନିଜର ଶିଷ୍ୟଙ୍କୁ
ଏହା କହିଛନ୍ତି ସନ୍ଥ ।

ଅନ୍ତିମ ସମୟ ଆସିଗଲେ ମୋର
ସୂଚନା ଦେବି ଯେ ମୁହିଁ
ଯଥା ରୀତିରେ ମୋ ସମାଧି କରିଣ
ମୋତେ ଦେବ ଘୋଡ଼ିଆଇ ।

ସମାଧିସ୍ଥ ହେଲେ ସନ୍ଥ ଶିରୋମଣି
ବାଘପାଲି ହେଲା ଧନ୍ୟ
ସେ ଦିନୁ ସେଠାରେ ବାବାଙ୍କ ମହିମା
କରୁଛନ୍ତି ଗୁଣଗାନ ।

ସେ ପବିତ୍ର ମାଟି ବାଘପାଲି ଗ୍ରାମ
ଧନ୍ୟ ହୋଇଲା ସେ ଦିନ
ଦୂରରୁ ଥାଇ ମୁଁ ପ୍ରଣାମ ଜଣାଏ
ସେ ପୁଣ୍ୟ ମାଟିକୁ ପୁଣ ।

ଯେଉଁଠାରେ ମୋର କାଳିଆ ଠାକୁର
ରହିବାକୁ ଇଚ୍ଛାକରେ
ସାଧୁ ଚନ୍ଦ୍ରମଣି ସମାଧି ମନ୍ଦିର
ଧନ୍ୟ ହୋଇଗଲା ବାରେ ।

ସର୍ବଗୁଣେ ଯିଏ ଥିଲେ ପରିବ୍ୟାପ୍ତ
ତାଙ୍କୁ ମୁଁ ବର୍ଣ୍ଣିବି କିଶ
ସର୍ବଧର୍ମ ପ୍ରତି ଯାର ବଇରାଗ
ସେ ନୁହେଁ କ୍ଷୁଦ୍ର ମଣିଷ ।

ସନ୍ଥ ଶିରୋମଣି କବି ଚନ୍ଦ୍ରମଣି
ଦୟା ରଖିଥିବ ବାରେ
ହୀନ ଅକୀଞ୍ଚନ କରୁଛି ବର୍ଣ୍ଣନା
ଯାହା ଆସିଲା ମନରେ ।

+ଯାଲୋଏ, ସୁବର୍ଣ୍ଣପୁର

# ମୁନିର ମହତ ଗୁଣ



କାଳିକିଙ୍କର



ମୁନି ଘରେ ବାହାରେ ଖେଳେ । ଘର ଭିତରେ ସେ ତାର କଣ୍ଢେଇ ଓ ଖେଳନା ସହଖେଳୁଥିବା ବେଳେ ବାହାରେ ତା'ର ଖେଳ ସାଥି ହେଲେ ମାଟି, ଗୁଡ଼ି, ପତ୍ର, ଫୁଲ, ଫଳ କିଛି ପଶୁପକ୍ଷୀ । ଜେମି ଓ ଟୁମାର ପାଞ୍ଚଟି ପୁଅଝିଅ ଜନ୍ମ ହୋଇଛନ୍ତି ଆଉ ସେମାନେ ମୁନିର ଖେଳ ସାଙ୍ଗ । ସେମିତି ପୁଷୁ ଓ ପୁଷିଙ୍କର ତିନିଜଣ ପୁଅଝିଅ ଯେଉଁମାନେ ମଧ୍ୟ ମୁନିର ଭଲ ସାଙ୍ଗ । ଜେମି, ଟୁମା, ପୁଷୁ ଓ ପୁଷି ମୁନିସହ ତାଙ୍କ ପୁଅଝିଅ ଖେଳୁଥିଲେ ବାହାରେ ଆନନ୍ଦରେ ବୁଲନ୍ତି । ସେମାନେ ଜାଣନ୍ତି ଯେ ମୁନିଦେଈ ତାଙ୍କ ପିଲାଙ୍କ ଉପରକୁ ବିପଦ ଆସିବାକୁ ଦେବ ନାହିଁ।

ମୁନିର ବାହାରେ ଖେଳିବାକୁ ବଡବାପା ଆଦୌ ପସନ୍ଦ କରନ୍ତି ନାହିଁ । ସେ ସହରରେ ରହନ୍ତି ତେଣୁ ସେ ଏ ଗାଁ ଭୂଇଁ କଥାକୁ ପସନ୍ଦ କରନ୍ତି ନାହିଁ । କହନ୍ତି ଯେ ମୁନି ବାହାରେ ଖେଳିଲେ ତା ଦେହକୁ ଧୂଳିମଳି ଆଦି ସହ ବ୍ୟାକ୍ଟେରିଆ ପଶିଯିବ । ବ୍ୟାକ୍ଟେରିଆ ମାନେ ଜୀବାଣୁ । ତେବେ ଧୂଳିମଳି ଜୀବାଣୁ ଅପେକ୍ଷା ସେ ଗାଁରେ ରହୁଥିବା ବିଲେଇ କୁକୁରଙ୍କୁ ବହୁତ ଘୃଣା କରନ୍ତି । ଅବଶ୍ୟ ତାଙ୍କର ସହରରେ ଏକ ବିଲାତି କୁକୁର ଅଛି । ଯିଏ ଘର ଭିତରେ ରହେ, ତାଙ୍କ ବିଛଣାରେ ଶୋଏ, ତାଙ୍କ ପାଖରେ ବସି ଖାଏ । ଏମିତି କି ସେ ଘର ଭିତରେ ଏକ ଓ ଦୁଇ ମଧ୍ୟ କରେ । ଏସବୁ ବଡ଼ ବାପା ନିଜେ ସହରରେ ପରିଷ୍କାର କରନ୍ତି । ଏ ବିଲାତି କୁକୁରକୁ ବହୁତ ଭଲ ପାଆନ୍ତି ।

ମୁନି ବୁଝିପାରେନାହିଁ ଯେ ବଡବାପା ତାର ଏ ସାଙ୍ଗମାନଙ୍କୁ କାହିଁକି ଭଲ ପାଆନ୍ତି ନାହିଁ । ତେବେ ସେ ସବୁ ପ୍ରତି ଖାତିର କରେନାହିଁ, କେବଳ ଶୁଣେ। ମାଆ ତାକୁ ଶିଖେଇଛନ୍ତି ଯେ ବଡ଼ଲୋକଙ୍କ କଥା ଯଦି ଭଲ ଲାଗୁ ନ ଥାଏ ତେବେ ତାଙ୍କ ସହ ଯୁକ୍ତି କରିବ ନାହିଁ । ନିରବ ରହି ମଧ୍ୟ ଅସହମତି ଜଣାଇ ଦେଇହୁଏ । ତେଣୁ ସେ କିଛି କହେ ନାହିଁ ।

ବଡ଼ବାପା କାଲି ସକାଳୁ ଚାଲିଯିବେ । ତେଣୁ ତାଙ୍କର ବେଗ ଆଦି ସଜଡା ଚାଲିଛି । କିଛି ଅଖାରେ ବଡ଼ବାପାଙ୍କ ପାଇଁ ଚାଉଳ ଓ ପନିପରିବା ଆଦି ମଧ୍ୟ ବାନ୍ଧି ବାହାରେ ରଖାଯାଇଛି ।

ଯାହାହେଉ, ରାତି ପାହିଲେ ସେ ଯିବେ । ଆଉ ପୁଷି, ପୁଷୁ, ଜେମି, ଟୁମାର ପିଲାଙ୍କ ଉପରେ କେହି ରାଉ ରାଉ ହେବେନି । ସମସ୍ତେ ଶୋଇଲେ। ମୁନି ମଧ୍ୟ ଶୋଇଲା ।

ତେବେ ମଝିରାତିରେ ତାର ନିଦ ଭାଙ୍ଗିଗଲା। ଜେମି, ଟୁମା ଓ ପୁଷି ଓ ପୁଷୁଙ୍କର କାନ୍ଦିବାର ସ୍ୱର ଲଗାତାର ଭାସି ଆସୁଥିଲା । କଣ ଏମିତି ହୋଇଛି ଯେ ଏମାନେ କାନ୍ଦ ବୋବାଳି ଛାଡୁଛନ୍ତି। ଏ ସବୁ ତ ଅମଙ୍ଗଳ କଥା । ଜେଜେ ଜେଜେମା କହୁଥିଲେ ଯେ ରାତିରେ କୁକୁର ବିଲେଇ ବୋବାଇଲେ ବିପଦ ବୋଲି ଜାଣ । ତେଣୁ ସେମାନଙ୍କର କାନ୍ଦଣା ବନ୍ଦ କରିବା ଉଚିତ ।

ମୁନି ବୁଝିପାରୁ ନାହିଁ ଯେ ଏମାନେ ଏତେ କରି କାନ୍ଦି ବୋବାଇଲେ ମଧ୍ୟ ଘରେ କେହି ଉଠୁ ନାହାଁନ୍ତି କାହିଁକି ? ଏମିତି ତ ସମସ୍ତେ ଉଠି କଣ ହେଲା ବୋଲି ପଚାରି ବୁଝନ୍ତି । ନା, ମୁନି ନିଜେ ସାହସ କରି ଉଠିଲା । ପଲଙ୍କ ଉପରେ ପଡିଥିବା ଟର୍ଚ୍ଚ ନେଇ ସେ ବାହାରକୁ ଗଲା । ସେଠାରେ ଯାଇ ସେ ଯାହା ଦେଖିଲା ତାହା ତାକୁ ବିଚଳିତ କଲା । ଦୁଇଟି ଅଖାର ଚାରିକଡ଼ରେ ଜେମି, ଟୁମା ଓ ପୁଷି ଓ ପୁଷୁ ଘୁରି ହେଉଛନ୍ତି । ଟଣାଟଣି କରୁଛନ୍ତି। ସେ ଅଖା ଭିତରେ ବନ୍ଦୀ ଅଛନ୍ତି ସେମାନଙ୍କର ପିଲାମାନେ ।

ଏବେ ମୁନି ସବୁକଥା ବୁଝିଗଲା । ସେ ପିଲାମାନେ ବନ୍ଦଥିବା ଅଖା ଦୁଇଟି ଖୋଲିଦେଲା ଓ କାନ୍ଦି କାନ୍ଦି କହିଲା ଆରେ ଟୁମା, ଜେମି,ପୁଷି ଓ ପୁଷୁ,- ତୁମେ ତୁମ ପିଲାଙ୍କୁ ନେଇ ଏ ରାତିରେ କୁଆଡେ ପଳାଅ । ବଡ଼ବାପା ଚାଲିଗଲେ ମୁଁ ତୁମକୁ ଯାଇ ଖୋଜି ଆଣିବି ।

ମୁନିକୁ ଧନ୍ୟବାଦ ଜଣେଇ ଜେମି, ଟୁମା, ପୁଷି ଓ ପୁଷୁ ରାତି ପାହିଲା ଆଗରୁ କୁଆଡେ ଚାଲିଗଲେ ଯେ ସକାଳେ ସେମାନଙ୍କୁ କେହି ଖୋଜି ପାଇଲେ ନାହିଁ ।

କଥା ଉଠିଲା ଯେ ଏ ଅଖା ଦୁଇଟି ରାତିରେ କିଏ ଖୋଲି ଏ କୁକୁର ବିଲେଇ ଛୁଆଙ୍କୁ ବାହାର କଲା ? ଏମାନେ ତ ନିଜେ କରି ନ ଥିବେ । ଏମାନଙ୍କୁ ଗାଁ ଠାରୁ ଦୂରେ ଜଙ୍ଗଲ ରାସ୍ତାରେ ଗଲାବେଳେ ବଡ଼ବାପା ଛାଡି ଦେଇ ଯାଇଥାନ୍ତେ। କିନ୍ତୁ ଏହା ହେଲାନାହିଁ । କିଏ ଏ ପିଲାମାନଙ୍କୁ ମୁକୁଳେଇ ଦେଲା ?

ଜେଜେମା କହିଲେ- ସେ ଯିଏ ହେଉ କିନ୍ତୁ ମହତ ଗୁଣର କାମଟେ କରିଛି । ତୁ ଏମାନଙ୍କୁ ଅଖାରେ ପୂରେଇ ଜଙ୍ଗଲ ମଝିରେ ଛାଡି ଥାଆନ୍ତୁ। ଛୋଟ ଛୁଆମାନଙ୍କୁ କିଏ ମାରି ଖାଇ ଯାଇଥାଆନ୍ତା। କେତେ ପାପ ଲାଗି ନ ଥାଆନ୍ତା ସତରେ ! ଆଉ ଆମର ମୁନିକୁ ବହୁତ କଷ୍ଟ ହୋଇ ଥାଆନ୍ତା।

ବଡ଼ ବାପା ବିରକ୍ତ ହୋଇ କହିଲେ ହେଉ, ଏ ଦେଶି କୁକୁର ବିଲେଇ ଗୁଡିକୁ ନେଇ ତୁମେ ସବୁ ମହତ ଗୁଣ ଦେଖାଅ ମୁଁ ଚାଲିଲି ।

ବଡ଼ବାପା ଗଲାପରେ ଘରେ ସମସ୍ତେ କଥାବାର୍ତ୍ତାରେ ଲାଗିପଡିଲେ ଯେ ରାତି ଅଧରେ କୁକୁର ବିଲେଇ ଛୁଆଙ୍କୁ କିଏ ମୁକ୍ତ କରି ମହତ କାମ କଲା ? ସେମାନଙ୍କର ମାଆ ବାପା ତ କରି ନ ଥିବେ ।

ଏତିକିବେଳେ ଜେଜେ ମୁନିକୁ ସାଥିରେ ନେଇ ଆସିଲେ ଓ କହିଲେ- ବ୍ୟସ୍ତ ହୁଅନାହି । ମୁଁ ସେ ମହତ ମହାନୁଭବଙ୍କୁ ଜାଣିଛି, ଯିଏ ଏ ମହତ ଗୁଣ ଦେଖାଇଛନ୍ତି ।

କିଏ ? ସମସ୍ତେ ସମବେତ ହୋଇ ପ୍ରଶ୍ନ କଲେ । କାହାର ଏ ମହତ ଗୁଣ କୁହ ?

ଜେଜେ ମୁନିର ଗାଲକୁ ଆହ୍ଲାଦରେ ଚିପିଦେଇ କହିଲେ- ଏଇଟା ମୁନିର ମହତ ଗୁଣ।

ସମସ୍ତେ ହସି ଉଠିଲେ ସତ କିନ୍ତୁ କୁନି ଝିଅଟିର ମହତ ଗୁଣପାଇଁ ତାକୁ ପ୍ରଶଂସା କଲେ।


+ସୌଭାଗିନୀ ନ୍ୱିାସ, ରଟିଲୋ, ରେଞ୍ଚ,
ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭


# ଫୁଲ ଗଛ



ପ୍ରଦ୍ୟୁମ୍ନ ପଟ୍ଟନାୟକ



ଶିଶୁ ଦିବସ ପାଳନ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉପହାର ସ୍ୱରୂପ ବଣ୍ଟା ଯାଇଥାଏ ଗୋଟିଏ ଗୋଟିଏ ଫୁଲ ଚାରା। ବାସୁକୁ ମିଳିଥିଲା ଗୋଟିଏ ମଲ୍ଲୀ ଚାରା । ସେ ବହୁତ ଖୁସି ହୋଇ ସେ ଚାରାଟିକୁ ଆଣି ଘରେ ବାପା ମାଆଙ୍କୁ ଦେଖାଇଲା। ତାକୁ ଯତ୍ନରେ ଗୋଟିଏ ମାଟି କୁଣ୍ଡରେ ଲଗାଇ ଦେବାକୁ କହିଲା । ବାପା ମାଳିକୁ ଡକାଇ ସେ ମଲ୍ଲୀ ଗଛଟିକୁ ଗୋଟିଏ କୁଣ୍ଡରେ ଲଗାଇ ଦେଲେ । ବାସୁ ସକାଳୁ ଉଠି ସବୁଦିନ ଆଗ ତା ଗଛଟିକୁ ଦେଖେ । ସେଥିରେ ପାଣି ଦିଏ ।

ଦିନୁ ଦିନ ଗଛଟି ଡାଳ ପତ୍ର ମେଲାଇ ବଢୁଥିବା ଦେଖି ବାସୁ ବହୁତ ଖୁସି ହେଉଥାଏ। ତାକୁ ଆଉଁଶି ଦେଉଥାଏ । ସେ ସ୍କୁଲରେ ଶିକ୍ଷୟିତ୍ରୀଙ୍କଠାରୁ ଶୁଣିଥାଏ ଗଛ ମାନଙ୍କର ବି ଜୀବନ ଥାଏ । ସେମାନେ ବି ସ୍ନେହ ଆଦର ବୁଝି ପାରନ୍ତି ।

ଗଛଟି ବଢୁଥିବା ଦେଖି ବାସୁ ଉତ୍କଣ୍ଠାର ସହ ପଚାରେ ସେଥିରେ କେବେ ଫୁଲ ଫୁଟିବ। ବାପା ମା ବୁଝାଇ କହନ୍ତି , ମଲ୍ଲୀ ଫୁଲ ଗଛଟି ଛୋଟ ହୋଇଛି । ତା ସମୟ ଆସିଲେ ସେଥିରେ ଫୁଲ ଆସିବ । ଶରତ, ହେମନ୍ତ, ଶୀତ ଯାଇ ବସନ୍ତ ଋତୁ ଆସିଲା । ବାସୁ ଆଣି ଥିବା ମଲ୍ଲୀ ଗଛଟିରେ କଢ ଆସି ଫୁଲ ଫୁଟିଲା । ମଲ୍ଲୀ ଫୁଲର ସୁଗନ୍ଧରେ ଆଖ ପାଖ ମହକିଲା । କେବଳ ଝଡ଼ା ଫୁଲକୁ ଗୋଟାଇବା ବ୍ୟତୀତ ତା ଗଛରୁ ଫୁଲ ତୋଳି ବାକୁ ବାସୁ ବାରଣ କରି ଥାଏ ।

ଗଛରେ କେତେ ଫୁଲ ଫୁଟିବା ପରେ ଆଉ ଫୁଟୁ ନଥାଏ । ବସନ୍ତ ଋତୁ ଚାଲି ଯାଇ ଥାଏ। ଏଥର ଖାଲି ଗଛଟି ଝଙ୍କା ହୋଇ ବଢ଼ି ଯାଉ ଥାଏ । ତା ଗଛ ଟିରେ ଆଉ ଫୁଲ ଫୁଟୁ ନଥିବା ଦେଖି ବାସୁ ପୁଣି ପଚାରିଲା, ବାପା ମୋ ଗଛ ଟିରେ ଆଉ କାହିଁକି ଫୁଲ ଫୁଟୁ ନାହିଁ ? ବାପା ତାକୁ ବୁଝାଇ କହିଲେ ସବୁ ଋତୁରେ ସବୁ ପ୍ରକାର ଫୁଲ ଫୁଟେ ନାହିଁ । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଫୁଲ ଫୁଟେ । ଯେମିତି ବସନ୍ତରେ ମଲ୍ଲୀ ଶରତରେ ସେବତୀ ଶୀତରେ ଗେଣ୍ଡୁ ଇତ୍ୟାଦି । ପୁଣି ବସନ୍ତ ଋତୁ ଆସିଲେ ମଲ୍ଲୀ ଗଛଟିରେ ଫୁଲ ଫୁଟିବ ।

ଘରକୁ ଆସୁଥିବା ମାଳି ଫୁଲ ଗଛ ଗୁଡିକରେ ଖତ ମାଟି ଦେଉ ଥାଏ । ଅନା ବନା ଗଛ, ଘାସ,ଗୁଳ୍ମ ଆଦିକୁ ଉପାଡି ଦେଉ ଥାଏ। ସେ ମଲ୍ଲୀ ଗଛଟି ଝଙ୍କାଳିଆ ହୋଇ ବଢୁଥିବା ଦେଖି ତା'ର କିଛି କିଛି ଡାଳ ପତ୍ର କାଟି ଦେଲା। ବାସୁ ସ୍କୁଲରୁ ଫେରି ଦେଖିଲା ତା ମଲ୍ଲୀ ଗଛଟିରୁ କିଛି ଡାଳ କଟା ହୋଇଥିବାର । ସେ କାନ୍ଦିବାକୁ ଲାଗିଲା। କହିଲା କାହିଁକି ମାଳି ମଉସା ମୋ ଗଛଟିକୁ କାଟି ଦେଲେ ? ତାକୁ କେତେ କଷ୍ଟ ହେଉଥିବ। ତା ପାଟି ଖୋଲୁ ନଥିବାରୁ ସେ କହି ପାରୁ ନାହିଁ ।

ବାସୁର ଗଛ ପ୍ରତି ଶ୍ରଦ୍ଧା ଏବଂ ତାକୁ କାଟି ଦେବାରୁ ମନ ଦୁଃଖ ହେବା ଦେଖି କହିଲେ, ଆଉ ତା ଗଛ ଟିକୁ କାଟିବାକୁ ମାଳିକୁ କହିବେ ନାହିଁ । ବାସୁ କହିଲା, ନା ବାପା କେବଳ ମୋ ଗଛ ନୁହଁ ଆମ ବଗିଚାର କୌଣସି ଗଛ କାଟିବାକୁ ମାଳି ମଉସାଙ୍କୁ ମନା କରି ଦେବ । ସବୁ ଗଛରେ ପରା ଜୀବନ ଅଛି ।


ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬




## ଶୀତ ରାତିରେ ଗାଆଁ ମାଟିରେ

ପ୍ରଶାନ୍ତ କୁମାର ଦାଶ

ସୁରୁଯବୁଢ଼େ ପାହାଡ଼କଡେ
ଦିନଟି ଯାଏ ସରି
କିଚିମିଚିଆ ସଞ୍ଜ ଆସଇ
ମନେ ହରଷ ଭରି ।

ସଞ୍ଜସଳିତା ଜଳାଏ ବୋଉ
ଶୀତରେ ଥରି ଥରି
ପୁଆଁଏଁ ନିଆଁ ସୁଷମା ଆଇ
ଶୀତକୁ ଡରି ଡରି ।

ଅଳପ କାଶି ଦାଣ୍ଡରେ ବସି
ଅଜା ଗାଆନ୍ତି ଗୀତ
ସଙ୍ଗୀତ ଗଡେ ରାତି ବି ବଢ଼େ
ଥରାଏ ଆସି ଶୀତ ।

ଶୀତକୁ ଡରି ରାଉତ ନରି
ଦେହେ ଚାଦର ଢାଙ୍କେ
ଝାପସା ଜହ୍ନ ଦେଖାଏ ମୁହଁ
ତାଳଗଛର ଫାଂକେ ।

ରେଜେଇ ଦେହେ ଘୋଡେଇ ଦିଏ
କାହ୍ନୁକୁ ବୋଉ ଆସି
କହେ ତା ହାତେ ଖସି ପଡରେ
ଆକାଶୁ ତାରା ଶଶୀ ।

ବିଲୁଆ ଶୋଇ ରଡି ଛାଡ଼ଇ
କାହ୍ନୁକୁ ଲାଗେ ଡର
ଶୋଇ ଗଲେଣି ବାପା ଓ ଭାଇ
ନିରବ ହୁଏ ଘର ।

ଶୀତ ରାତିରେ ଗାଆଁମାଟିରେ
କାକର ପଡେ ଖସି
ଫୁଲ ଫୁଟିଲେ ଅନ୍ଧାର ହଟେ
ସୁରୁଯ ଉଏଁ ହସି ।

ଶୀତରାତିରେ ଗାଆଁ ମାଟିରେ
ଚାଷୀ ସପନ ଦେଖେ
ଫୁଲେଇ ଫୁଲ ଫୁଟିବା ଆଗୁ
ରଙ୍ଗ ମହକ ମାଖେ ।

ଶୀତରାତିରେ ଗାଆଁମାଟିରେ
ଶୁଭେନି କୋଳାହଳ
ଅଳସତଡି ବହଇ ନଈ
ଶୁଭଇ କଳ କଳ ।


+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦


କବିତା

ତୁମ ପାଇଁ

## ଆଈ କଥା ମନେ ପଡ଼େ

ନୀଳମଣି ଚାନ୍ଦ

ଆଈ କଥା ମନେ ପଡ଼େ ଶୀତଟି ତ ପଡ଼ିଲେ
ଟୋପା ଟୋପା କାକରଟି ରାତିଟିରେ ଝଡିଲେ
ପାରୁଥିଲା ବଡ଼ି ସିଏ କେତେ ଖୁସି ହେଇକି
ଆମେ ଦେଖି ନାଚୁଥିଲୁ ତାକ୍ ଧିନ୍ ଧେଇକି।

ଆଣୁଥିଲା ପୋଇଡଙ୍କ, ସାରୁ , ଭଣ୍ଡା ବାଡିରୁ
କଅଁଳିଆ ମୂଳା କିଛି ସେ ଓପାଡ଼ି ଧାଡ଼ିରୁ
ମାଟିହାଣ୍ଡିରେ ତୋରାଣି ଏ ସବୁକୁ ଭରିଟି
ସୁଆଦିଆ କାଞ୍ଜି ସିଏ ଦେଉଥିଲା କରିଟି।

କାଞ୍ଜି ସବୁ ଖାଉଥିଲେ ବସି କେଡ଼େ ଖୁସିରେ
ଭାଗ କମିଗଲେ ଆମେ ଯାଉଥିଲୁ ରୁଷିରେ।
ସବୁ ଥର ପରି ସବୁ ବର୍ଷ ଶୀତ ଆସୁଛି
କାଞ୍ଜିଟି ଘରେ ହୁଏନା ତା ଛୁଙ୍କ ନ ବାସୁଛି।

ପୁରୁଣା ଦିନର କଥା ଜମା ଭୁଲି ନୁହଁଇ
ଏକା ବସିଥିଲେ ଆସି ମନକୁ ସେ ଛୁଅଁଇ
ଆଈ କଥା ମନେ ପଡ଼େ ଶୀତ ଋତୁ ଆସିଲେ
ରଙ୍ଗଣି, ଶେଫାଳି,
ଗେଣ୍ଡୁ ଫୁଲ ଫୁଟି ବାସିଲେ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ଶୀତ କରେ ହିତ

ଶରତ ଚନ୍ଦ୍ର ଜାଲି

ଥୁରୁଥୁରୁ ଶୀତ ଥରେଇ ଦେଲାଣି
ସଭିଙ୍କର ଦେହମନକୁ
କୁନା ଖୁସି ହୁଏ ଶୀତୁଆ ସଂଜରେ
ଆକାଶରେ ଦେଖି ଜହ୍ନକୁ ।
ବାଡିବଗିଚାରେ ବସିଲାଣି କେତେ
ପନିପରିବାର ନଅର
ସଂଜ ନଇଁଗଲେ ଖାଁ ଖାଁ ଲାଗେ
ଗାଆଁଠାରୁ ପୁଣି ସହର ।
ଶୀତକୁ ଡରିଣ ପିଲାଏ ଜମାରୁ
ଆସୁ ନାହାନ୍ତି ସେ ପଦାକୁ
ଚଷାପୁଅ ତାର ଫସଲ କାଟିଣ
ବୋହିଆଣେ ଧାନ ଗଦାକୁ ।
ଟୋପି ସୁଇଟର ରେଜେଇ କମ୍ବଳ
ପିନ୍ଧିଲେଣି ନାନା ରଂଗରେ
ନିଆଁ ପୋଇଁବାକୁ ଆଈ ବସିଲାଣି
ସକାଳୁ ଅଜାଙ୍କ ସଂଗରେ ।
କାଲୁଆ ଲାଗୁଛି ଗୋଡ,ହାତ,ମୁଣ୍ଡ
ବହୁଛି ଶୀତଳ ପବନ
ଶୀତ ଆଣିଅଛି କେତେ ଯାନିଯାତ
ସେଥିପାଇଁ ହସେ ଜୀବନ ।
ଶୀତକୁ ସ୍ୱାଗତ କରିବାରେ ଆସ
ଶୀତଗୀତ ଗାଇ ଖୁସିରେ
ସକାଳୁ ଉଠିଣ କର୍ମ କରିଯିବା
ଆଳସ୍ୟ ନହେବା ବସିରେ ।
ଶୀତ ଆମ ହିତ କରିବାକୁ ଆସେ
ବିନ୍ଦୁବିନ୍ଦୁ ବିଞ୍ଛି କାକର
ପରିବେଶ ପ୍ରତି ଯତନ ଯେ ହୁଏ
ଶୀତ ହିତ କରେ ତାଙ୍କର ।


+ଶିକ୍ଷକ, ନୋଡାଲ ଉଚ୍ଚ ବିଦ୍ୟାଳୟ,
କୋଦଳା, ଗଂଜାମ
ମୋ-୮୨୪୯୫୩୪୨୭୪


## ଅଜାଙ୍କର ଉପଦେଶ

ଶୁଭଦର୍ଶିନୀ ଦାଶ

ଅଜା କହନ୍ତି କୁନାକୁ ଡାକି
ଜାଣିଛୁ ତୁ କାହିଁକି ବେଗେ ଯାଉଛୁ ଥକି
ଓଜନ ତୋହର ବଢ଼ି ଗଲାଣି
ମେଦବହୁଳତାର ତୁ ଶିକାର ହେଲୁଣି,
ଦେଖ ମୋତେ,
ବୟସ ମୋର ଷାଠିଏ ହେଲାଣି
କୋଷେ ବାଟ ମୁଁ ନିତି ଚଲାଉଛି ଶୂନଗାଡି
ଆଜିବି ଲାଗୁଛି ମୁଁ ବାହୁବଳୀ

ଟିଭି, ମୋବାଇଲ ଦେଖା ଛାଡି
ନିୟମିତ ବ୍ୟାୟାମ କର ସମୟ କାଢି
ପନିପରିବା, ଫଳମୂଳ, ଶାଗ
ହେଉ ଅବା ମାଛ, ମାଉଁସ
ଖାଆରେ ତାହାକୁ
ଯାହା ଘରେ ହେଉଛି ପ୍ରସ୍ତୁତ

ପିଜ୍ଜା, ବର୍ଗର, ଗୁପଚୁପ, ଚାର୍ଟ
ତାକୁ କରି ନିତି ଆହାର
ଖୋଲି ଦେଲୁଣି
ତୋ ଦେହରେ ରୋଗର ଦୂଆର
ଆଜି ଯେବେ ତୁ ଏକଥା ନ ବୁଝିବୁ
ବୟସ ବଢିଲେ ଔଷଧ ସହିତ ମିତ ବସିବୁ

ବୁଝିଯାଆରେ ମୋର ପ୍ରିୟ ନାତି
ତୋ ପାଇଁ ଗୋଟିଏ ଶୂନଗାଡି ମୁଁ ଆଣି ଦ୍ୱେି
କରିବନି ସିଏ ରଡି
ତାକୁ ଚଢି ଅଜା ନାତି ଆମେ ଯିବା ବୁଲି ।


+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦


## ଆମ ଘର

ଝରଣା ବାରିକ

ଆମ ଘର ଦିଶୁଥାଏ
ସତେ କେଡ଼େ ସୁନ୍ଦର,
ଏକତା ଡୋରୀରେ ବନ୍ଧା
ସତେ ଶିରି ମନ୍ଦିର।

ଦିନ କଟେ ପାଠ ପଢା
ସାଙ୍ଗ ସାଥି ମେଳରେ
ବାଗୁଡ଼ି ଡାବଲ ପୁଆ
କେତେ ପୁଣି ଖେଳରେ।

ସଞ୍ଜ ହେଲେ ବୋଉ ମୋର
ସଞ୍ଜ ବତୀ ଜାଳଇ,
କସ୍ତୁରୀ ଚନ୍ଦନ ବାସ
ଅଗଣା ରେ ବାସଇ।

ପଢୁ ଆମେ ବହିଖୋଲି
ସାଙ୍ଗ ହୋଇ ଏକାଠି
ସରଗଠୁ ଶାନ୍ତି ମିଳେ
ଆମ ପାଇଁ ଏଇଠି।

ଆଈ ଖୋଲେ ଗପ ପେଡ଼ି
ବୁଢ଼ୀ ଅସୁରୁଣୀର।
ଅଜାଙ୍କ ପୁରାଣ କଥା
ଲାଗେ କେଡେ ମଧୁର

ବୋଉ ହାତ ରନ୍ଧା ଲାଗେ
ଖାଇବାକୁ ସୁଆଦ,
ପରସ୍ପର ଥାଏ ସ୍ନେହ
ଥାଏ ପୁଣି ଦରଦ।


+ସମଲ, ତାଳଚେର, ଅନୁଗୋଳ
ମୋ:୯୫୫୬୮୪୬୯୩୨


## ଜହ୍ନ ମାମୁଁ......

ରାମଚନ୍ଦ୍ର ବେହେରା

ସାରା ଜଗତର ମାମୁଁ ପରା ସିଏ
ରୂପ ଧୋବ ଫରଫର
ଆକାଶରେ ରୁହେ ହସି କଥା କୁହେ
ସେ ଜହ୍ନ ମାମୁଁ ଆମର।

ପୃଥିବୀ ମାଆର ଚାରିପଟେ ବୁଲେ
କେବେ ବଢେ କେବେ କମେ
ପୁନେଇଁ ରାତିରେ ପୁରା ଦେଖାଦିଏ
ଖୁସି ଭରିଦିଏ ମନେ।

ଶୁକଳ ପକ୍ଷରେ ବଢି ବଢି ଯାଏ
ତାହାର ଅପୂର୍ବ କାନ୍ତି
କୃଷ୍ଣ ପକ୍ଷରେ ସେ ନିଇତି ଘଟଇ
ଅନ୍ଧାରୁଆ ହୁଏ ରାତି।

ଅମାବାସ୍ୟା ଦିନ ନଦିଶଇ ସେହି
ମାଡି ଆସେ କାଳରାତି
ଶୁକଳ ପକ୍ଷରେ ରୂପାଥାଳି ପରି
ପରଶେ ଜୋଛନା ନିତି।

କେବେ ଦିଶେ ବଡ କେବେ ଦିଶେ ଛୋଟ
ନଥାଏ ତା'ମନେ ଦୁଃଖ
ତା'ସୁନ୍ଦର ରୂପ ସଭିଂକ ପରାଣେ
ଭରଇ ଖୁସି ଅମାପ।

କିଏ କୁହେ ତାକୁ ସୁନ୍ଦର ଚନ୍ଦ୍ରମା
କିଏ କୁହେ ତାକୁ ଶଶୀ
ଅତି ଶରଧାରେ ମାଆଂକ ଡାକରେ
ଜହ୍ନ ମାମୁଁ ଦିଏ ହସି।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୪୫୫୬୭୩୪୩୪୬

# ବିଚ୍ଛିନ୍ନ କରିଥିଲା ଏୟାରଷ୍ଟ୍ରିପ୍: ୭ ଗ୍ରାମବାସୀଙ୍କୁ ମିଳିଲା ନୂତନ ରାସ୍ତା



ମାଲକାନଗିରି, ୧୫/୧୨ (ନି.ପ୍ର): ମାଲକାନଗିରି ବ୍ଲକ ଅନ୍ତର୍ଗତ କୋଟେଲିଗୁଡ଼ା ନିର୍ୱମାଣାଧୀନ ୟାରଷ୍ଟ୍ରିପ କାରଣରୁ ୭ଟି ଗ୍ରାମକୁ ଯାତାୟତ ପାଇଁ ରାସ୍ତା ବନ୍ଦ ହୋଇଯାଇଥିଲା। ଫଳରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଦୀର୍ଘ ଦିନର ବହୁ ଦାବି ପରେ ଏବେ ସେମାନଙ୍କୁ ନୂତନ ରାସ୍ତା ମିଳିପାରିଛି। ମାଲକାନଗିରି ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ନୂତନ ରାସ୍ତା ନିର୍ମାଣ କରାଯାଇଛି। ସୁବିଧାରେ ଯାତାୟତ କରିପାରିବେ ବୋଲି ଗ୍ରାମବାସୀମାନେ ଖୁସିବ୍ୟକ୍ତ କରିଛନ୍ତି। ମାଲକାନଗିରି ବ୍ଲକ ଗୌଡଗୁଡା ପଞ୍ଚାୟତ ଅନ୍ତର୍ଗତ କୋଟେଲିଗୁଡା ଠାରେ ଏୟାରଷ୍ଟ୍ରିପ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ସେଠାରେ ଥିବା ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଘର ପ୍ରଦାନ କରାଯାଇଥିଲା। କିନ୍ତୁ ସେହି ଗାଁ ରାସ୍ତା ଦେଇ ଯାଉଥିବା ଏମଭି ୧୦, ବିରାଗୁଡା, ତେନ୍ତୁଳିଗୁଡା, ରାମାଗୁଡା, ନୀଳମାରୀ, ବାଟପାଲ୍ଲୀ ଓ ଏମଭି ୧୧ ଗ୍ରାମର ଲୋକମନେ ଯାତାୟତ ବନ୍ଦ ହୋଇଯାଇଥିଲା। ଏମଭି ଗ୍ରାମରେ ୩୦୦, ବିରାଗୁଡା ଗ୍ରାମରେ ୨୦୦, ତେନ୍ତୁଳିଗୁଡା ଗ୍ରାମରେ ୧୫, ରାମାଗୁଡା ଗ୍ରାମରେ ୧୦୦, ନିଳମାରୀ ୧୪୨, ବାଟପାଲ୍ଲୀ ୧୦୦, ଏମଭି ୧୧ ଗ୍ରାମର ୨୦୦ ଜଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏୟାରଷ୍ଟିପର ନିର୍ମାଣ ହେଉଥିବା ବେଳେ ସେମାନେ କେଉଁ ରାସ୍ତା ଦେଇ ମାଲକାନଗିରିକୁ ଯିବେ ବୋଲି ଦାବି କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ଦାବି କରିବା ସହ ଆନ୍ଦୋଳନ କରିବା ପାଇଁ ମଧ ଚେତାବନୀ ଦେଇଥିଲେ। ବାରମ୍ବାର ଦାବି ପରେ ବିଡିଓ ପ୍ରଭାତି ଝୋଡିଆଙ୍କ ନେତୃତ୍ୱରେ ଏହି ଗ୍ରାମ ପାଇଁ ରାସ୍ତା ନିର୍ମାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମସ୍ତ ଗ୍ରାମକୁ ଗମନାଗମନ ସୁବିଧା ପାଇଁ ଏମଭି ୧୦ ଠାରୁ ଆରମ୍ଭ ହୋଇ କାଦବାହାଲ କେନାଲ ଛକ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରାଗଲା। ମନରେଗାରେ ସାଢ଼େ ୯ ଲକ୍ଷ ଟଙ୍କା ବ୍ୟୟରେ ମାଟି ରାସ୍ତା ନିର୍ମାଣ ସହ କଲଭର୍ଟ ତିଆରି କରାଯାଇଛି। ଏହି ଗାଁକୁ ରାସ୍ତା ହୋଇଥିବା ବେଳେ ଆସନ୍ତା ଦିନରେ ମେଟାଲ ପକାଇବା ସହ ପିଚୁ ରାସ୍ତା ନିର୍ମାଣ କରାଯିବ। ଏହି ରାସ୍ତାକୁ ଆଜି ସରପଞ୍ଚ ପାଣ୍ଡୁରି ପଡିଆମୀ ଉଦଘାଟନ କରିଥିବା ବେଳେ ବିଡିଓ ପ୍ରଭାତି ଝୋଡିଆ, ନାଏବ ସରପଞ୍ଚ ସୁବାଷ ଚନ୍ଦ୍ର ବିଶ୍ୱାସ, ୱାର୍ଡମେମ୍ବର ବିଶ୍ୱଜିତ୍ ବିଶ୍ୱାସ, ଯନ୍ତ୍ରୀ ଅଭିଜିତ୍ ସେଠୀ, ଯନ୍ତ୍ରୀ ବିଭୁତି ଭୂଷଣ ରାଉତ, ପିଇଓ ନିଖିଳ ବାନାର୍ଜୀଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ଉର୍ଦ୍ଦୁ ଶିକ୍ଷକଙ୍କ ତାଲିମ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୧୫/୧୨ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥାର ଉର୍ଦ୍ଦୁ ଲାଇବ୍ରେରୀ ଠାରେ ୩ ଦିନ ଧରି ଚାଲିଥିବା ଉର୍ଦ୍ଦୁ ଶିକ୍ଷକଙ୍କ ତାଲିମ ଶିବିର ଉଦ୍‌ଯାପିତ ହୋଇ ଯାଇଛି। ଓଡିଶା ଉର୍ଦ୍ଦୁ ଏକାଡେମୀ ତରଫରୁ ଆୟୋଜିତ ଏହି ତ୍ରିଦିବସୀୟ ତାଲିମ ଶିବିର ରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ପ୍ରଶିକ୍ଷକ ମାନେ ଜିଲ୍ଲାର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମଦ୍ରାସାରେ ଚାକିରୀ କରିଥିବା ୯୦ ଜଣ ଉର୍ଦ୍ଦୁ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମିଶ୍ୱହା ଅଞ୍ଜାମ ଓ ମୋଇଜ୍ ଏବଂ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷକ ତାଲିମ କେନ୍ଦ୍ରର ପ୍ରାଧ୍ୟାପକ ଡ଼ଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ଜିଲ୍ଲା ସାଧନା କେନ୍ଦ୍ର କର୍ମୀ ମହମ୍ମଦ ଅଜଗର ଅଲ୍ଲୀ ଅଂଶ ଗ୍ରହଣ କରି ଉର୍ଦ୍ଦୁ ଶିକ୍ଷା ସହିତ ଆଧୁନିକ କୌଶଳ ର ଉପଯୋଗ କରି କିପରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିବେ ଓ ଭାଷା ଜ୍ଞାନର ମୌଳିକ କୌଶଳ ହାସଲ କରିବେ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

# ସଦାଇପାଲି ପଂଚାୟତବାସୀଙ୍କ ସମସ୍ୟା ଶୁଣିଲେ ନରସିଂହ ମିଶ୍ର

ବଲାଙ୍ଗିର, ୧୫/୧୨ (ନି.ପ୍ର): ବିକାଶ ଏକ ନିରନ୍ତର ପ୍ରକ୍ରିୟା। ଏହା କେବେ ଶେଷ ହୁଏ ନାହିଁ। ତେଣୁ ଲୋକେ ସବୁବେଳେ ପ୍ରାଥମିକତା ଭିତ୍ତିରେ ନିଜର ସମସ୍ୟାକୁ ନେଇ ସରକାର କିମ୍ବା ଜନପ୍ରତିନିଧିଙ୍କ ଆଗରେ ତାର ସମାଧାନ ପାଇଁ ଦାବି ଜଣାଇବା ଦରକାର। ଜଣେ ଉଚିତ ଜନ ପ୍ରତିନିଧି ସବୁବେଳେ ଲୋକଙ୍କ ସମସ୍ୟାର ସମାଧାନକୁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଭାବିବା ଦରକାର। ତେଣୁ ଆଗାମୀ ଦିନର ନିର୍ବାଚନମାନଙ୍କରେ ଗାଁ ଲୋକେ ଉଚିତ ଜନ ପ୍ରତିନିଧି ବାଛନ୍ତୁ ବୋଲି ଗୁରୁବାର ବଲାଙ୍ଗିର ବ୍ଲକ ଅନ୍ତର୍ଗତ ସଦାଇପାଲି ପଂଚାୟତର ସଦାଇପାଲିର ଖାଡିଆପଡା, ପଥରଚେପା ଓ ଧୁମାମରା ଗାଁରେ ଲୋକଙ୍କ ସମସ୍ୟା ଶୁଣିବା ଅବସରରେ ଜନସାଧାରଣଙ୍କୁ କହିଛନ୍ତି। ସେ କହିଛନ୍ତି ଯେ ଗାଁ ଗୁଡିକରେ ଲୋକେ ଅତି ସରଳ। କେଉଁ ସମସ୍ୟା କେଉଁ ଠାରେ ଉପସ୍ଥାପନ କରାଯିବ ଜାଣିପାରନ୍ତି ନାହିଁ। ତେଣୁ ସମସ୍ୟା ସହିତ ସଂପୃକ୍ତ ବିଭାଗର ଅଧିକାରୀ ଓ ସବୁ ସ୍ତରର ଜନପ୍ରତିନିଧି ଲୋକଙ୍କ ପାଖକୁ ଯାଇ ତାହା ବିଜୁଳି, ରାସ୍ତା କିମ୍ବା ଆଦିବାସୀ ଭୂମିହୀନଙ୍କ ଜମି ଚିହ୍ନଟ କରି ପଟ୍ଟା ପ୍ରଦାନ ହେଉ। ସେ ସବୁକୁ ଉଦାରତାର ସହ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଭାବି କାମ କରିବା କଥା। ଆଜି ସଦାଇପାଲିର ଖଇରାପଡା, ପଥରଚେପା ଓ ଧୁମାମରା ଗାଁ ଗୁଡିକରେ ଲୋକଙ୍କର ପ୍ରାୟତଃ ସମାନ ସମସ୍ୟା ଥିଲା। ଲୋକେ ଗରିବ ଓ ଆଦିବାସୀ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଘର ଡିହ ଓ ଦରକାର ସ୍ଥଳେ ସେ ସବୁକୁ ଚିହ୍ନଟ କରି ତାଙ୍କୁ ପଟ୍ଟା ପ୍ରଦାନ ପାଇଁ ବିଧାୟକ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ଏହା ସହ ବ୍ଲକ ସ୍ତରରେ ଗାଁକୁ ଆସୁଥିବା ବିଜୁଳି ଖୁଣ୍ଟରେ ଲାଇଟ ଗୁଡିକର ମରାମତି ହେଉ ନ ଥିବାରୁ ସେମାନେ ଅଭିଯୋଗ କରିଥିଲେ। ଏହା ସହ ରାସ୍ତା ଗୁଡିକ ଉପରେ ନର୍ଦ୍ଦମା ପାଣି ଯାଉଥିବାରୁ ଏହାର ସଠିକ୍ ନିଷ୍କାସନ ପାଇଁ ବିଧାୟକ ଶ୍ରୀ ମିଶ୍ରଙ୍କୁ ପଦକ୍ଷେପ ନିଆଯାଉ ବୋଲି ଗ୍ରାମବାସୀ କହିଥିଲେ। ଆବାସ ଓ ରାସନ କାର୍ଡକୁ ନେଇ ମଧ ଲୋକଙ୍କ ଅଭିଯୋଗ ଆସିଥିଲା। ଏ ସବୁକୁ ଶୁଣି ବିଧାୟକ ଶ୍ରୀ ମିଶ୍ର ରାଜସ୍ୱ ବିଭାଗ ଅଧିକାରୀ ଏବଂ ଉପ-ଜିଲ୍ଲପାଳଙ୍କ ସହ ଫୋନ ଯୋଗେ କଥା ହୋଇ ଖଇରାପଡା ଓ ପଥରଚେପାରେ ଥିବା ଗରିବ, ଆଦିବାସୀ ଭୂମିହୀନଙ୍କୁ ଜମି ଚିହ୍ନଟ କରି ସେମାନଙ୍କୁ ପଟ୍ଟା ପ୍ରଦାନ ଦିଗରେ ଯେତେ ଶୀଘ୍ର ହେବ ପଦକ୍ଷେପ ନେବାକୁ କହିଥିଲେ। କିଛି ମାସ ପୂର୍ବରୁ ସଦାଇପାଲିର ନରସିଂହ ନଗରରେ ଲୋକଙ୍କୁ ଜମି ଚିହ୍ନଟ ଓ ପ୍ରଦାନ କରାଯାଇଥିବା ବେଳେ ସେଠାରେ ଦରକାର ନଳକୂପ ଖନନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ୟା ଗୁଡିକର ସମାଧାନ ଦିଗରେ ଯଦି ଶୀଘ୍ର ପଦକ୍ଷେପ ସଂପୃକ୍ତ ବିଭାଗ ଦ୍ୱାରା ଶିଘ୍ର ନିଆନଯାଏ ତେବେ ଗାଁ ଲୋକେ ତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଆଜିର ଏହି ପଂଚାୟତ ଗସ୍ତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତିତ ଚନ୍ଦନଭାଟି ସମିତି ସଭ୍ୟା ସଂଗୀତା ପାଣିଗ୍ରାହୀ, ଶୁଶାନ୍ତ ପାଣିଗ୍ରାହୀ, ଫକିର ମୋହନ ଥାଟି, ସୁଦାମ ମହାଲିଙ୍ଗ, ବାସୁଦେବ ମୁଗ୍ରୀ, ଡ. ପ୍ରଶାନ୍ତ ପ୍ରଧାନ, ଶିକ୍ଷା ନୋମିନୀ ବାମଦେବ ମିଶ୍ର, ଫକିର ଷାଣ୍ଡ, ବିଜ୍ଞାନ ନନ୍ଦ, ଧନୁ ରାଉତ, ବିଧାୟକଙ୍କ ବ୍ଲକ ପ୍ରତିନିଧି କିଶୋର ସିଂ ନିନା, ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପଥ ପାଲଟିଛି ଚାଷୀଙ୍କ ଧାନଖଳା: ନଡ଼ା ଜାଳି ପରିବେଶ ପ୍ରଦୂଷଣ



ଦଶପଲ୍ଲା, ୧୫/୧୨ (ନି.ପ୍ର): ଚାଷୀ ଜମିରୁ ଧାନକାଟି ନିଜ ବାଡ଼ି ବା ଖଳାକୁ ନେବା ପରିବର୍ତ୍ତେ ରାଜପଥ ଉପରେ ଗଦାଇ ରଖୁଛନ୍ତି। ରାଜପଥକୁ ମଡ଼ାଇ ଏସବୁ ଧାନ ଗଦାଇ ରଖା ଯାଉଥିବା ବେଳେ ଯାତାୟାତ ସମୟରେ ନାନା ସମସ୍ୟା ଉପୁଜୁଛି। ରାତିର ଅନ୍ଧାରରେ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ଖାଲି ସେତିକି ନୁହେଁ, ସେସବୁ ଧାନକୁ ଆଉ ଖଳାକୁ ନନେଇ ମେସିନ୍ ମାଧ୍ୟମରେ ରାଜପଥ ଉପରେ ବେଙ୍ଗଳା କରାଯାଉଛି। ଫଳରେ ଧୂଳିଧୂସ ଉଡ଼ିବା ଦ୍ୱାରା ରାଜପଥରେ ଯାତାୟାତ କରିବା କଷ୍ଟକର ହୋଇ ପଡୁଛି। ଏହାପରେ ସେସବୁ ପାଳକୁ ଗାଈଗୋରୁଙ୍କୁ ଖାଇବାକୁ ଦେବା ପରିବର୍ତ୍ତେର୍ତ୍ତି ଚାଷୀ ଜମିରେ ନିଆଁ ଲଗାଇ ଦେଉଛନ୍ତି ଏବଂ ସେଥିରୁ ବାହାରୁଥିବା ପ୍ରଚୁର ଧୂଆଁ ପରିବେଶ ପ୍ରଦୂଷଣ କରୁଛି। ଦଶପଲ୍ଲା-ଗଣିଆ ରାସ୍ତା ହେଉ କି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ରାସ୍ତାରେ ଦୈନିକ ଏଭଳି ଘଟଣା ଘଟୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଏଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହେଉଛି।

# ଐତିହ୍ୟ ପଥରପୋଖରୀ ପାଇଁ ଆଉ ଦୁଇ କୋଟି: ପୁଷ୍କରିଣୀ କାନ୍ଥ ବଖାଣିବ ପୌରାଣିକ ଗାଥା



ପୁରୀ, ୧୫/୧୨ (ନି.ପ୍ର): ଐତିହ୍ୟ ପଥରପୋଖରୀର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟକୁ ଅବଢ଼ା ଯୋଜନାରେ ସାମିଲ କରାଯାଇଛି। ନିର୍ମାଣାଧୀନ ଅନ୍ୟ ତୀର୍ଥ ପୁଷ୍କରିଣୀ ଭଳି ଏହି ପୁଷ୍କରିଣୀକୁ ମଧ ଖଣ୍ଡୋଲାଇଟ୍ ପଥରରେ ଆଚ୍ଛାଦିତ କରାଯିବ। ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଖଣ୍ଡୋଲାଇଟ୍ ପଥରରେ ପୌରାଣିକ କଥାବସ୍ତୁର ଅବତାରଣା କରାଯିବ। ଏଥିପାଇଁ ଅବଢ଼ା ଯୋଜନାରେ ୨କୋଟି ୧୬ଲକ୍ଷ ୫୨ ହଜାର ୨୮୮ ଟଙ୍କା ମଞ୍ଜୁର ହୋଇଛି ଓ ଏହା ଟେଣ୍ଡର ପ୍ରକ୍ରିୟାରେ ରହିଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ ସେ ?ନ୍ଦର୍ଯ୍ୟୀକରଣ କରାଯିବ। ମା' ଅଲାମଚଣ୍ଡୀଙ୍କ ସମ୍ମୁଖ ଭାଗରେ ଶୋଭା ପାଉଥିବା ପଥରପୋଖରୀ ନବକଳେବର ସହ ଜଡ଼ିତ। ମହାପ୍ରଭୁଙ୍କ ନବକଳେବର ସମୟରେ ଦଇତାପତିମାନେ ବନଯାଗ ଯାତ୍ରାରେ ଦାରୁ ନେଇ ଫେରିବା ବେଳେ ଏଇଠାରେ ବିଶ୍ରାମ ନେଇ ପୁଷ୍କରିଣୀରେ ସ୍ନାନ କରନ୍ତି। ସେଠାରେ ଅଟକି ଥିବା ଦାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରେ। ମାତ୍ର ଐତିହ୍ୟ ଗୁରୁତ୍ୱ ବହନ କରୁଥିବା ଏହି ପୁଷ୍କରିଣୀ ପର୍ଯ୍ୟଟକଙ୍କ ଆଢୁଆଳରେ ରହିଯାଇଛି। ପୁଷ୍କରିଣୀ ଧୀରେଧୀରେ ଅବରୋଧ ହୋଇଚାଲିଛି। ଦ୍ୱିତୀୟ ତୁଠ ପାର୍ଶ୍ୱ ଅବରୋଧ ହେବା ଯୋଗୁ ଆଉ ସେଠାରେ ତୁଠ କାର୍ଯ୍ୟ ହୋଇପାରୁନାହିଁ। ମୁଖ୍ୟ ତୁଠ ଅପରପାର୍ଶ୍ୱରେ ଏକ ମନ୍ଦିର ଥିଲେ ହେଁ ତାହା ବି ଅବରୋଧ ଯୋଗୁ ନିଶ୍ଚିହ୍ନ ହୋଇଯାଇଛି। ପୁଷ୍କରିଣୀର ପାଚେରି ଭାଙ୍ଗି ଯାଇଥିଲେ ବି ଏଯାଏ ନିର୍ମାଣ ହୋଇନାହିଁ। ପଙ୍କରେ ଭର୍ତ୍ତି ହୋଇଯାଇଥିଲେ ମଧ ପଙ୍କ ଉଝଳା ଯାଇନାହିଁ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଭଳି କୌଣସି ବ୍ୟବସ୍ଥା ଉବଲବ୍ଧ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିକଟରେ ମୁକ୍ତା ଯୋଜନାରେ ୧୪ଲକ୍ଷ ୯୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ପୁଷ୍କରିଣୀର ନବୀକରଣ ଓ ପୁନରୁଦ୍ଧାର ପାଇଁ ଏହି ଅର୍ଥ ମଞ୍ଜୁର ହୋଇଥିଲେ ହେଁ ଏଯାଏ କାମ ଆରମ୍ଭ ହୋଇନାହିଁ। ଏଣେ ମୁକ୍ତା ପରେ ଅବଢ଼ା ଯୋଜନାରେ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। କିନ୍ତୁ ବାସ୍ତବରେ ପଥରପୋଖରୀର ସୀମା କେଉଁଠି ଥିଲା ସେନେଇ ପ୍ରଶାସନ ଗୁରୁତ୍ୱ ଦେଇନାହିଁ।

ଏ ବାବଦରେ ଓବିସିସିର ମହାପ୍ରବନ୍ଧକ ସୁନ୍ଦର ମାଧବ ପାଢ଼ୀ କହିଛନ୍ତି, ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ ଓ ଶ୍ୱେତଗଙ୍ଗା ଭଳି ଏହି ପୁଷ୍କରିଣୀ ନୂଆ ରୂପ ପାଇବ। ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟୀକରଣ କରାଯିବା ସହ ମଜଭୁତ ପାଚେରି ନିର୍ମିତ ହେବ। ଏହା ମଧ୍ୟରେ ଖଣ୍ଡୋଲାଇଟ୍ ପତରରେ କାରୁକାର୍ଯ୍ୟପୂର୍ଣ୍ଣ ପୌରାଣିକ କଥାବସ୍ତୁ ସ୍ଥାନିତ ହେବ। ଚତୁଃପାର୍ଶ୍ୱରେ କେଉଁ କଥାବସ୍ତୁ ସ୍ଥାନ ପାଇବ ସେନେଇ ଏକ କମିଟି ମାଧମରେ ନିଷ୍ପତ୍ତି ନିଆଯିବ। ଏହା ବ୍ୟତୀତ ଖଣ୍ଡୋଲାଇଟ୍ ପାହାଚ ଓ ଚତୁଃପାର୍ଶ୍ୱକୁ ବୃକ୍ଷରାଜିରେ ସଜାଯିବ। ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ନେଇ ବ୍ୟବସ୍ଥା ରହିବ ବୋଲି ସେ କହିଛନ୍ତି।

ମା' ଅଲାମଚଣ୍ଡୀ ପଥର ପୋଖରୀ ଉନ୍ନୟନ କମିଟିର ସଭାପତି ଅମିୟ ମହାପାତ୍ର କହିଛନ୍ତି, ପଥର ପୋଖରୀର ଐତିହ୍ୟ ଗୁରୁତ୍ୱ ଏଯାଏ ଠିକ୍ ଢଙ୍ଗରେ ଉପସ୍ଥାପିତ ହୋଇପାରିନାହିଁ। ମୁଖ୍ୟ ତୁଠ ଅପରପାର୍ଶ୍ୱ ଅବରୋଧ ହୋଇଯାଇଛି। ତୁଠ ଓ ମନ୍ଦିର ନିଶ୍ଚିହ୍ନ ହୋଇଯାଇଛି। ଏଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ। ୨୦୧୫ ନବକଳେବର ବେଳେ ୨୭ ଲକ୍ଷ ଟଙ୍କା ବ୍ୟୟରେ ଏହାର ମରାମତି ଓ ପୁନରୁଦ୍ଧାର କରାଯାଇଥିଲା। କିନ୍ତୁ ବର୍ଷେ ନପୂରୁଣୁ ପୋଖରୀର ପାଚେରି ଭାଙ୍ଗିଯାଇଥିଲା। ପାହାଚଗୁଡ଼ିକ ନଷ୍ଟ ହୋଇଯାଇଥିଲା। ବାରମ୍ବାର ପାଚେରି ପୁନଃ ନିର୍ମାଣ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟିଛୁ। ଏବେ କାମ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଛି। ଉନ୍ନତୀକରଣ କରାଯିବ। କିନ୍ତୁ ସୌନ୍ଦର୍ଯ୍ୟୀକରଣ କରିବା ଯେତିକି ସ୍ୱାଗତଯୋଗ୍ୟ, ରକ୍ଷଣାବେକ୍ଷଣ କରିବା ସେତିକି ଗୁରୁତ୍ୱପୂର୍ଣ୍ଣ। ସୌନ୍ଦର୍ଯ୍ୟୀକରଣ ପରେ ଯେପରି ତତ୍ତ୍ୱାବଧାରକ ରହିବେ ସେନେଇ ନିଶ୍ଚିତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# କ୍ଷୁଦ୍ର ନିଯୁକ୍ତି ମେଳା ଚଳିତ ମାସ ୨୭ ଓ ୨୮ ରେ

ପୁରୀ, ୧୫/୧୨ (ନି.ପ୍ର): ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୁଦ୍ର ନିଯୁକ୍ତି ମେଳା ଚଳିତ ମାସ ୨୭ ଓ ୨୮ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ପରାମର୍ଶ କ୍ରମେ ଏହି ନିଯୁକ୍ତି ମେଳା ୨୭ ତାରିଖରେ ପୁରୀ ସରକାରୀ ଆଇଟିଆଇ ପରିସରରେ ଓ ୨୮ ତାରିଖରେ ପିପିଲି କଲେଜ ଠାରେ ପୂର୍ବାହ୍ନ ୯ ଟା ସମୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୨୦ ରୁ ଅଧିକ ନିଯୁକ୍ତି ଦାତା ସଂସ୍ଥା ମାନେ ଯୋଗଦାନ କରି ଆଶାୟୀ କୁଶଳୀ ଓ ଅଣକୁଶଳୀ ପ୍ରାର୍ଥୀ ମାନଙ୍କୁ ଚୟନ କରିବେ। ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ ଯୋଗ ଦେବେ। ଏହି ସଂସ୍ଥା ମାନେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ।ନିଯୁକ୍ତି ମେଳାରେ ନିଯୁକ୍ତି ଆଶାୟୀ ଅଷ୍ଟମ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ ପର୍ଯ୍ୟନ୍ତ ଏବଂ ଆଇଟିଆଇ, ଡିପ୍ଲୋମା ପାସ ଆଶାୟୀ ପ୍ରାର୍ଥୀ, ପ୍ରାର୍ଥୀନୀ ମାନେ ଯେଉଁ ମାନଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ସେମାନେ ଯୋଗ ଦେଇ ଏହାର ସୁଯୋଗ ନେବା ପାଇଁ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ବିଡ଼ିଓଙ୍କ ମାଧ୍ୟମରେ, ଓରମାସର କର୍ମଚାରୀଙ୍କ ମାଧ୍ୟମରେ, ବିଭିନ୍ନ ଅଫିସ ନୋଟିସ ବୋର୍ଡ଼ ମାନଙ୍କରେ, ଲିଫଲେଟ ମାଧ୍ୟମରେ ସୂଚନା ପ୍ରଦାନ କରାଯିବ। ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା ରକ୍ଷା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦିର ବ୍ୟବସ୍ଥା ପାଇଁ ସମ୍ପୃକ୍ତ ବିଭାଗକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ପୁରୀ ଆଇଟିଆଇ ଅଧକ୍ଷ ଅରବିନ୍ଦ ଘୋଷ, ପିପିଲି କଲେଜ ଅଧକ୍ଷ ତପନ କୁମାର ଦାସ, ଓରମାସର ଡିପିଏମ ବନଜ ମାହାରୀ ଓ ଜିଲ୍ଲା ନିୟୋଜନ ବିଭାଗର କର୍ମଚାରୀ ମାନେ ଯୋଗ ଦେଇଥିଲେ।

# ରାସ୍ତା ମଝିରେ ଜଳିଲା କାର: ଅଳ୍ପକେ ବର୍ତିଲେ ଯାତ୍ରୀ

କୋରେଇ, ୧୫/୧୨ (ନି.ପ୍ର): ପାଣିକୋଇଲି ଟ୍ରାଫିକ ବ୍ୟବସ୍ଥା ଅସମ୍ଭାଳ ହୋଇଥିବା ବେଳେ ବୁଧବାର ରାତ୍ରୀ ସାଢେ ଆଠଟା ବେଳେ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲିରେ ଜାମରେ ଥିବା ଏକ କାର ହଠାତ ଜଳିବାକୁ ଲାଗିଥିଲା। ଆଗ ପଛରେ ରହିଥିବା ଟ୍ରକର ଚାଳକ ମାନେ ପାଣି ଢାଳି ନିଆଁକୁ ଆୟତ କରିଥିଲେ। ପ୍ରକାଶଯେ ଜାରକାରୁ ଏକ ପରିବାର ରଗଡିରେ ଥିବା ପଲିଟେକନିକକୁ ତାଙ୍କ ଝିଅର ପରୀକ୍ଷା ସାରି ଏକ ମାରୁତି ସ୍ୱିପ୍ଟ କାର (ଓଡି୦୪ପି ୬୧୩୪) ଯୋଗେ ଫେରୁଥିବା ବେଳେ ପାଣିକୋଇଲିରେ ଜାମରେ ପଡିଥିଲେ। କାରଟି ଜାମରେ ଛିଡା ହୋଇଥିବା ବେଳେ ହଠାତ ଜଳିବାକୁ ଆରମ୍ଭ କରିଥିଲା। ଭୟରେ ସମସ୍ତେ ଗାଡିରୁ ବାହାରି ଆସିବାରୁ ନିଶ୍ଚିନ୍ତ ଦୁର୍ଘଟଣାରୁ ରକ୍ଷା ମିଳିଥିଲା। ପରେ ସ୍ଥାନୀୟ ଲୋକମାନେ ପହଂଚି ନିଆଁ ଲିଭିବା ପରେ ଗାଡିକୁ ଠେଲି ସାଇଡ କରିଥିଲେ।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ

ବଲାଙ୍ଗୀର, ୧୫/୧୨ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟାଳୟ ସ୍ଥିତ କୋଶଳ କଳା ମଣ୍ଡଳ ପଡିଆରେ ଆରମ୍ଭ ହୋଇଛି ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା। ଏଥିରେ କୃଷି ଓ କୃଷକର ବିକାଶ ସହ କମ ସମୟରେ ଅଧିକ ଅମଳ ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ଶୈଳୀରେ ତିଆରି ହୋଇଥିବା ଏବଂ ଉନ୍ନତମାନର ଯନ୍ତ୍ରପାତି ଗୁଡିକ ପ୍ରଦର୍ଶିତ ହୋଇଛି। ଏହି ମେଳା ମାଧ୍ୟମରେ ଚାଷୀ ମାନେ କିପରି ଅଧିକ ଉତ୍ପାଦନ ଏହି ଯନ୍ତ୍ରପାତି ଦ୍ୱାରା କରିପାରିବେ ସେ ସମ୍ପର୍କରେ କୃଷି ସମ୍ବନ୍ଧୀୟ କର୍ମଶାଳା, କୃଷି ଯନ୍ତ୍ରପାତିର ରିହାତି ଦରରେ ବିକ୍ରି ଓ ପ୍ରଦର୍ଶନ ଅନୁଷ୍ଠିତ ହେବ। ୧୪ ତାରିଖରୁ ଆସନ୍ତା ୧୮ ତାରିଖ ଯାଏଁ ଏହି ମେଳା ଚାଲିବ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ, ଜିଲ୍ଲାପରିଷଦ ଉପଧକ୍ଷା ମିଥିଳା ମାଝୀ, ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବ୍ରଜକିଶୋର ବିଶୋୟୀ, ଜିଲ୍ଲା କୃଷି ଅଧିକାରୀ ସୁବାସ ବେହେରା ମଂଚାସିନ ଥିଲେ। ପାରମ୍ପରିକ କୃଷିପଦ୍ଧତି ବଦଳରେ ଉନ୍ନତ ଶୈଳୀରେ କୃଷିକାର୍ଯ୍ୟରେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଦ୍ୱାରା କୃଷକ ମାନଙ୍କର ସାମଗ୍ରିକ ଉର୍ନ୍ନତି ହେବା ସହିତ କୃଷକର ଆୟକୁ ଦୁଇଗୁଣ ହୋଇପାରିବ। ରାଜ୍ୟ ସରକାର ମଧ ଚାଷୀ, ଅନୂସୂଚୀତ ଜାତି ଓ ଅନୂସୂଚିତ ଜନଜାତିର ମହିଳାଙ୍କ ନିମନ୍ତେ ତଥା ସ୍ୱୟଂ ସହାୟକ ଦଳ ମାନଙ୍କ ପାଇଁ ରିହାତି ଦରର ମଧ ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାର ପକ୍ଷରୁ ହୋଇଥିବା ଏଭଳି ଲୋକାଭିମୁଖି ଯୋଜନା ଦ୍ୱାରା କୃଷି ଓ କୃଷକଙ୍କ ଆହୁରି ଅଧିକ ବିକାଶ କରାଯାଇପାରିବ ବୋଲି ନିମନ୍ତ୍ରିତ ଅତିଥିମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ରିହାତି ଦରରେ ଗୋଟେ ଜାଗାରେ ସବୁ ପ୍ରକାରର ଯନ୍ତ୍ର କିଣା ବିକା ପାଇଁ ଉପଲବ୍ଧ। ବ୍ୟାଙ୍କ ଲିଙ୍କେଜ ଉପଲବ୍ଧ ହେବା ସହ ଚାଷୀ ମାନଙ୍କ ସବୁପ୍ରକାର ସୁବିଧା ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ଗୋଟିଏ ଜାଗାରେ ଉପଲବ୍ଧ କରାଯାଇଛି। କୃଷି ବିଭାଗର ବିଭିନ୍ନ ପଦାଧିକାରୀ ଏବଂ କର୍ମଚାରୀ ଚାଷୀ ଏବଂ ବିଭିନ୍ନ ଅଧିକାରୀଗଣ ଯୋଗ ଦେଇଥିଲେ। ମଂଚ ପରିଚାଳନା ଯୋଜନା ଅଧିକାରୀ ସୁଧାକର ନନ୍ଦ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କନ୍ଧମାଳରେ ଲଗାତାର ତଳକୁ ଖସୁଛି ପାରଦ : ଭୀଷଣ ଶୀତରେ ଥରୁଛି ଜିଲ୍ଲା

କନ୍ଧମାଳ, ୧୫/୧୨ (ନି.ପ୍ର): ଲଗାତାର ଭାବେ ସମଗ୍ର କନ୍ଧମାଳରେ ଶୀତ ଲହରୀ ଜାରି ରହିଛି। ଗତ ପ୍ରାୟ ୩ ଦିନ ହେଲା ତାପମାତ୍ରା ତଳକୁ ତଳକୁ ଖସିବାରେ ଲାଗିଛି। ସେହି ଅନୁସାରେ ଶୀତର ପ୍ରକୋପ ମଧ ବୃଦ୍ଧି ପାଉଛି। ଆଜି ଜିଲ୍ଲା ସଦରମହକୁମା ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୦ ଡିଗ୍ରୀ ଏବଂ ଦାରିଙ୍ଗବାଡ଼ିରେ ୯.୫ ଡିଗ୍ରୀ ସେଲସିୟସ ରହିଥିବା ନେଇ ଜିଲ୍ଲା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ମଙ୍ଗଳବାର ଦିନ ଫୁଲବାଣୀର ତାପମାତ୍ରା ୧୦ ଡିଗ୍ରୀ ଏବଂ ଦାରିଙ୍ଗବାଡ଼ିର ୯.୫ ଡିଗ୍ରୀ, ସେହିପରି ବୁଧବାର ଦିନ ଫୁଲବାଣୀରେ ୧୦ ଡିଗ୍ରୀ ଏବଂ ଦାରିଙ୍ଗବାଡ଼ି ସର୍ବନିମ୍ନ ୧୦ ଡିଗ୍ରୀ ରହିଥିଲା। ଆଜି ଏହା ଆହୁରି ତଳକୁ ଖସି ଥିବାରୁ ଭୀଷଣ ଶୀତ ଅନୁଭୂତ ହେଉଛି। ସେହିପରି ଜିଲ୍ଲାର ଘୁ.ଉଦୟଗିରି, ବାଲିଗୁଡା, ରାଇକିଆ, ଫିରିଙ୍ଗିଆ, ତୁମୁଡିବନ୍ଧ ଓ ଖଜୁରୀପଡ଼ା ସମେତ ସମଗ୍ର କନ୍ଧମାଳରେ ଭୀଷଣ ଶୀତ ଅନୁଭୂତ ହେଉଛି। ଏହାର ପ୍ରଭାବରେ ସକାଳୁ ଘନ କୁହୁଡି ସହିତ କାକର ପଡିଥିବା ଦେଖାଯାଇଛି। ଫଳରେ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ଶୀତ ଦାଉରୁ ରକ୍ଷା ପାଇବାକୁ ଲୋକେ ଘରୁ ବାହାରି ପାରୁନାହାନ୍ତି। ରାସ୍ତା କଡରେ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ପାଖରେ ବସିଥିବା ଦେଖିବାକୁ ମିଳୁଛି। ଏହାର ଆନନ୍ଦ ନେବା ପାଇଁ ସକାଳୁ କିଛି ଲୋକ ବ୍ୟାୟାମ କରୁଛନ୍ତି ଏବଂ ରାସ୍ତା ରେ ଚାଲୁଛନ୍ତି। ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଗୁଡିକରେ ମଧ ପର୍ଯ୍ୟଟକ ମାନଙ୍କ ଭିଡ ଦେଖିବାକୁ ମିଳୁଛି। ଜିଲ୍ଲାର ଦାରିଙ୍ଗବାଡ଼ି, ରାଇକିଆ, ବେଲଘର ଆଦି ଅଂଚଳରେ ପର୍ଯ୍ୟଟକଙ୍କ ଭିଡ ବୃଦ୍ଧି ପାଇଛି। ତେବେ ଗରିବ ଶ୍ରେଣୀର ଲୋକମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଯିବାବେଳେ କଷ୍ଟକର ହେଉଛି।

# ଶିଶୁଙ୍କୁ ଥଇଥାନ, ସେବା ଓ ସାମାଜିକ ସ୍ରୋତରେ ସାମିଲ ନିମନ୍ତେ ପରାମର୍ଶ




ଭଦ୍ରକ, ୧୫/୧୨ (ନି.ପ୍ର): ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପରିସରରେ ଶିଶୁଙ୍କୁ ଥଇଥାନ ନିମନ୍ତେ ପରାମର୍ଶ ସେବା, ପରବର୍ତ୍ତୀ ଯତ୍ନ ଓ ସାମାଜିକ ସ୍ରୋତରେ ସାମିଲ ସକାଶେ ଏକ କର୍ମଶାଳା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଭଦ୍ରକ ପକ୍ଷରୁ ସଂଯୋଗ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ କଟକ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଶିଶୁ ମଂଗଳ କମିଟିର ଅଧକ୍ଷ ଡ଼ା. ଦେବରାଜ ପାଣିଗ୍ରାହୀ, ଡ଼ିଏସ୍‌ପି ପୁଷ୍ପଲତା ବାରିକ, ଜିଲ୍ଲା କର୍ମନିୟୋଜନ ଅଧିକାରିଣୀ ଅନିତା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ସଂଯୋଗର ଅଧକ୍ଷ ବଟକୃଷ୍ଣ ତ୍ରିପାଠୀ, ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂ ପ୍ରମୁଖ ଯୋଗଦାନ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ବିଷୟ ବିଶାରଦ ରୂପେ (ମୁକ୍ତ ପ୍ରଶିକ୍ଷଣ ତାଲିମଦାତା ) ଭୁବନେଶ୍ୱରର ପ୍ରେରଣାଦାୟକ ବକ୍ତା ରାମ କିଶୋର ଶର୍ମା ଶିଶୁମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ରହିଥିବା ସୁବିଧା ସୁଯୋଗ ଓ ନିଯୁକ୍ତି ସମ୍ବନ୍ଧରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ଶିଶୁ ସକରାତ୍ମକ ଚିନ୍ତାଶୀଳ ହୋଇ ପରିସ୍ଥିତିକୁ ସାମନା କରି ଲକ୍ଷ୍ୟ ହାସଲ କରି ପାରିବେ ବୋଲି କର୍ମଶାଳାରେ ଶିଶୁମାନଙ୍କୁ ପ୍ରେରଣା ଦେଇଥିଲେ । ଜିଲ୍ଲା କର୍ମନିୟୋଜନ ଅଧିକାରିଣୀ ଶିଶୁମାନଙ୍କୁ ନିରାଶ ନହୋଇ ଲକ୍ଷ୍ୟପଥରେ ଆଗେଇବା ପାଇଁ ପରାମର୍ଶ ଦେଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ପିଲାମାନଙ୍କୁ ସର୍ବଦା ଖବରକାଗଜ ପଠନ କରିବା ସହ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରୁଥିବା ଅନୁଷ୍ଠାନମାନଙ୍କ ସହ ସଂପର୍କ ରଖିବା ପାଇଁ ଅନୁଷ୍ଠାନର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମସ୍ତ ଶିଶୁମାନେ ସକରାତ୍ମକ ଭାବନା ରଖି ସାମାଜିକ ସ୍ରୋତରେ ସାମିଲ ହେବା ସହ ବିଭିନ୍ନ କ୍ଷେତ୍ରରେ ଥଇଥାନ ହୋଇପାରିଲେ ଆମର କର୍ମଶାଳା ସଫଳ ହେବ ବୋଲି ଶିଶୁ ମଂଗଳ କମିଟିର ଅଧକ୍ଷ ଡ଼ା. ପାଣିଗ୍ରାହୀ ସମେତ ପ୍ରମୁଖ ବକ୍ତାମାନେ ମତ ପୋଷଣ କରିଥିଲେ । ଏହି ପରିପ୍ରେକ୍ଷୀରେ ସଂଯୋଗର ଅଧକ୍ଷ ଶ୍ରୀ ତ୍ରିପାଠୀ ପିଲାମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମତବ୍ୟକ୍ତ କରିଥିଲେ । କର୍ମଶାଳାରେ ଶିଶୁ ଅନୁଷ୍ଠାନରେ ରହୁଥିବା ଶିଶୁ ପରବର୍ତ୍ତୀ ଯତ୍ନ ଆବଶ୍ୟକ କରୁଥିବା ଶିଶୁ, ଆଇନସହ ମୁକାବିଲା କରୁଥିବା ଶିଶୁ, ଅଧାରୁ ପାଠପଢ଼ା ଛାଡ଼ିଥିବା ଶିଶୁ, ବୈଷୟିକ ଶିକ୍ଷା, କମ୍ପ୍ୟୁଟର ଶିକ୍ଷାଗ୍ରହଣ କରୁଥିବା ସମସ୍ତ ଶିଶୁ, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ମଂଗଳ କମିଟିର ସଦସ୍ୟ ନବୀନ ଚନ୍ଦ୍ର ସାହୁ, ଭାରତୀ ଦାଶ, ଆଇନଜୀବୀ ଅମର ବାରିକ ସମେତ ଅନୁଷ୍ଠାନର ସଂପାଦକ ଅଶୋକ ଦାସ, ଅଧୀକ୍ଷକ ଧନଞ୍ଜୟ ଜେନା, ଜ୍ୟୋତିପ୍ରକାଶ ପତି, ସର୍ସ୍ମିତା ନାୟକ, ଦେବସ୍ମିତା ନାୟକ, ନିବେଦିତା ଲେଙ୍କା, ଅରବିନ୍ଦ ସେଠୀ ସମେତ ଶିଶୁ ସୁରକ୍ଷା ବିଭାଗର ସ୍ୱାଗତିକା ବାରିକ, ବିଶ୍ୱ ନାରାୟଣ ପଣ୍ଡା, ଧୀରଜ ବାରିକ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା ସମେତ ସଂଯୋଗର କର୍ମକର୍ତ୍ତା ରିଙ୍କୁ ବିଶ୍ୱାଳ, ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁ, ରୂପାଲି ମହାନ୍ତି, ବିକାଶ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ସଂଯୋଗ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ମୁଁ ନିର୍ବାଚନ ଲଢ଼ିବିନି,...

ପାଣ୍ଡିଆନ କହିଥିଲେ, ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ନାମରେ ଗଠିତ ଦଳରେ ସାମିଲ ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି । ବିଜେଡିକୁ ସାମାଜିକ ଆନ୍ଦୋଳନ ବୋଲି କହୁଥିବା ଓ ରାଜ୍ୟବାସୀଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ସେ ଦୀର୍ଘ ୧୨ବର୍ଷ ଧରି କାର୍ଯ୍ୟ କରୁଛନ୍ତି । ୭୭ବର୍ଷ ବୟସରେ 'ମୋ ଗୁରୁ', 'ମୋ ବାପା' ନବୀନ ପଟ୍ଟନାୟକ ଯଦି ଲୋକଙ୍କ ପାଇଁ କାମ କରିପାରୁଛନ୍ତି ତା'ହେଲେ ମୁଁ କାହିଁକି କରିପାରିବି ନାହିଁ ବୋଲି ପାଣ୍ଡିଆନ କହିଛନ୍ତି । ଜନସେବା କରିବା ପାଇଁ ଚାକିରି ଛାଡ଼ିଛି । ଶେଷପର୍ଯ୍ୟନ୍ତ ଜନସେବାରେ ବ୍ରତୀ ହୋଇ ରହିବି ବୋଲି ପାଣ୍ଡିଆନ ନିଜଆଡ଼ୁ ଘୋଷଣା କରିଥିଲେ । ଶ୍ରୀ ପାଣ୍ଡିଆନ ମଂଚରୁ ବିଜେଡି ସରକାରର ସଫଳତା ବହନ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ନେତାମାନଙ୍କଠୁ ଉତ୍ତର ଲୋଡ଼ିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ , ଆମ ଓଡ଼ିଶା ନବୀନ ଓଡ଼ିଶା, ଦେଶର ଏକ ନମ୍ବର ରାଜ୍ୟ, ଦେଶର ଶ୍ରେଷ୍ଠ ପ୍ରଶାସକ ଭଳି ପ୍ରାୟ ୧୮-୧୯ଟି ପ୍ରଶ୍ନ ସେ ଦଳର ନେତାମାନଙ୍କୁ ପଚାରି ତା'ର ଉତ୍ତର ଲୋଡ଼ିଥିଲେ । ସବୁ ପ୍ରଶ୍ନର ଉତ୍ତର ସିଧାସଳଖ ନବୀନ ପଟ୍ଟନାୟକ ଓ ତାଙ୍କ ସରକାରର ସଫଳତା ସହ ଜଡ଼ିତ ଥିଲା । ତେବେ ଆଜି ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯେଉଁଭଳି ଭାବେ ପାଣ୍ଡିଆନଙ୍କ ଡେବ୍ୟୁ ହେଲା, ସେଥିରୁ ସେ ହିଁ ନବୀନଙ୍କ ଉତ୍ତରାଧିକାରୀ ବୋଲି ସ୍ପଷ୍ଟ ସନ୍ଦେଶ ଦେବାକୁ ଦଳ ପକ୍ଷରୁ ପ୍ରୟାସ ହୋଇଛି । ପାଣ୍ଡିଆନ ଦଳରେ କୌଣସି ପଦପଦବୀରେ ନରହି ମଧ୍ୟ ରାଜ୍ୟ ପଦାଧିକାରୀ ବୈଠକରେ ଦଳର 'ନମ୍ବର-ଟୁ' ଭାବେ ତାଙ୍କୁ ସମ୍ମାନ ଦିଆଯାଇଥିଲା । ଗତ କାର୍ତ୍ତିକ ପୂର୍ଣ୍ଣିମାରେ ପାଣ୍ଡିଆନ ବିଜେଡିରେ ଯୋଗ ଦେଇଥିଲେ । ଆଜି ଏହି କାର୍ଯ୍ୟକାରିଣୀ ବୈଠକ ଶେଷ ହେବାପରେ ଗଣମାଧ୍ୟମକୁ ବିଜେଡି ଉପସଭାପତି ବିଧାୟକ ଦେବୀପ୍ରସାଦ ମିଶ୍ର, ମହିଳା ବିଜେଡି ସଭାନେତ୍ରୀ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଓ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକାରିଣୀ ବୈଠକରେ ମୋଟ ୧୧ଟି ରାଜନୀତିକ ପ୍ରସ୍ତାବ ପାରିତ ହୋଇଛି । ୨୦୧୯ ସାଧାରଣ ନିର୍ବାଚନ ପରଠୁ 'କେନ୍ଦ୍ରୀୟ ଅବହେଳା' ପ୍ରସଙ୍ଗକୁ ଭୁଲି ଯାଇଥିବା ବିଜେଡି ଏବେ ପୁଣିଥରେ 'କେନ୍ଦ୍ରୀୟ ଅବହେଳା'କୁ ଜୋରଦାର ଢଙ୍ଗରେ ଉତଥାପନ କରିବ ବୋଲି ଜଣାପଡ଼ିଛି । ଦଳ ଆସନ୍ତା ଜାନୁୟାରୀ ୨୩ ନେତାଜୀ ଜୟନ୍ତୀରୁ ମାର୍ଚ୍ଚ ୫ତାରିଖ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଜେଡି ସରକାରଙ୍କ ସଫଳତାର ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଂଚାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନେବ । ସୂଚନାଯୋଗ୍ୟ, ଦଳର ବିଧାୟକ,ସାଂସଦ, ଜିଲ୍ଲା ସଭାପତି, ଜିଲ୍ଲା ପର୍ଯ୍ୟବେକ୍ଷକ ଓ ଦଳର ବିଭିନ୍ନ ଛାମୁଆ ସଂଗଠନର ପଦାଧିକାରୀ, କାର୍ଯ୍ୟପରିଷଦ ସଦସ୍ୟମାନଙ୍କୁ ନେଇ ଶଙ୍ଖ ଭବନରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକ ପରୋକ୍ଷରେ ପାଣ୍ଡିଆନଙ୍କ ଡେବ୍ୟୁ ପାଇଁ ଉଦ୍ଦିଷ୍ଟ ଥିବା ଚର୍ଚ୍ଚା ହେଉଛି ।

## ରାଧିକାଙ୍କୁ ମିଳିଲା ....

ସାଇନି.ଏସ୍‌ଙ୍କୁ ଅତିରିକ୍ତ ଦାୟିତ୍ୱବ ଭାବେ ତାଙ୍କୁ କ୍ରାଇମ ଏଗନେଷ୍ଟ ୱିମେନ୍ ଆଣ୍ଡ ଚାଇଲ୍ଡ ୱିଙ୍ଗ( ସିଏଡବ୍ଲ୍ୟୁଆଣ୍ଡ ସିଡବ୍ଲ୍ୟୁ)ର ଆଇଜି ଦାୟିତ୍ୱ ନ୍ୟସ୍ତ ହୋଇଛି । ତେବେ ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବ୍ରୋଟୋରୀର ନିର୍ଦ୍ଦେଶକ ଭାବେ ଆଇଜି ପାହ୍ୟାର ଆଇପିଏସ୍ ଶ୍ରୀ ସିଂ କାର୍ଯ୍ୟରତ ଥିବାବେଳେ ସେହି ଗୋଟିଏ ପଦବୀରେ ଡିଜି ପାହ୍ୟାର ରାଧିକା କିଭଳି କାର୍ଯ୍ୟ କରିବେ ତାହା ଜଣାପଡ଼ିନି । ମାତ୍ର ଗୃହ ବିଭାଗର ଏହି ଗୋଟିଏ ପଦବୀରେ ଉଭୟ ରାଧିକା ଓ ଶ୍ରୀ ସିଂଙ୍କୁ ନିଯୁକ୍ତି ଦେଇଛି । ଗୃହ ବିଭାଗ ପକ୍ଷରୁ ଏହି ବଦଳି ଓ ନିଯୁକ୍ତି ସଂକ୍ରାନ୍ତ ତଥ୍ୟକୁ ଓଡ଼ିଶା ଗେଜେଟରେ ପ୍ରକାଶ କରିବାକୁ ପ୍ରିଣ୍ଟିଂ ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଥିବା ସହ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ମଧ୍ୟ ଅବଗତ କରାଯାଇଛି । ସେହିପରି କ୍ରାଇମବ୍ରାଂଚ ଅତିରିକ୍ତ ଡିଜି ଅରୁଣ ବୋଥ୍ରା ୫ଦିନ ଛୁଟିରେ ଯିବାର ଥିବାରୁ କ୍ରାଇମବ୍ରାଂଚ ଆଇଜି ସଫିନ୍ ଅହମ୍ମଦ କେ.ଙ୍କୁ ଦାୟିତ୍ୱ ନ୍ୟସ୍ତ ମିଳିଛି । ଶ୍ରୀ ବୋଥ୍ରା ଡିସେମ୍ବର ୧୮ରୁ ୨୫ତାରିଖ ପର୍ଯ୍ୟନ୍ତ ବ୍ୟକ୍ତିଗତ କାରଣରୁ ଛୁଟିରେ ରହିବେ ବୋଲି ଜଣାପଡ଼ିଛି ।

## ଆଉ ୫ବର୍ଷ ବଢ଼ିଲା ରାଜ୍ୟ ...

ଲେଖାଏଁ ମାଗଣା ଚାଉଳ ପାଇବେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୩ଲକ୍ଷ ୧୪ହଜାର ୯୨୩ଟି ପରିବାରର ୯ଲକ୍ଷ ୯୭ହଜାର ୫୫ଜଣ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ମାସିକ ମାଗଣା ୫କିଲୋ ଲେଖାଏଁ ଚାଉଳ ଯୋଗାଇ ଦେଉଛନ୍ତି। ଏବାବଦରେ ବର୍ଷକୁ ୨୫୦କୋଟି ଟଙ୍କା ହିସାବରେ ୫ବର୍ଷରେ ୧୨୫୦କୋଟି ଟଙ୍କା ନିଜ ପାଣ୍ଠିରୁ ଖର୍ଚ୍ଚ ହେବ। ରାଜ୍ୟର ଜଣେବି ଗରିବ ଲୋକେ ଯେପରି ଖାଦ୍ୟସୁରକ୍ଷାରୁ ବଂଚିତ ନହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।

## ଅର୍ଚ୍ଚନାକୁ ହତ୍ୟା...

ଅର୍ଚ୍ଚନା ନାଗ । ଏଥିସହ ସେ କହିଛନ୍ତି, ମୋତେ ନ୍ୟାୟ ମିଳିବାରେ ସାମାନ୍ୟ ବିଳମ୍ବ ହୋଇଛି। ମାତ୍ର ନ୍ୟାୟିକ ପ୍ରକିୟାରେ ମୋର ବିଶ୍ୱାସ ଅଛି। ନାରୀକୁ ଅସମ୍ମାନ ଆମ ରାଜ୍ୟକୁ ଶୋଭା ଦେଉନି। ଏସବୁ କାମ କିଏ କରୁଛି ଖୁବ ଶୀଘ୍ର ମୁଁ ତାର ପର୍ଦ୍ଦାଫାସ କରୁଛି। ପୂର୍ବରୁ ମୁହଁ ଖୋଲିଲେ ଓଡ଼ିଶା ଦୋହଲି ଯିବ ବୋଲି କହିଥିବା ଅର୍ଚ୍ଚନା କିନ୍ତୁ ଏଯାଏ ମୁହଁ ଖୋଲି ନାହାନ୍ତି। ଏନେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଛନ୍ତି, ମୋ' ପାଖରେ ସବୁ କଥାର ଯଥେଷ୍ଟ ପ୍ରମାଣ ଅଛି। ଆବଶ୍ୟକସ୍ଥଳରେ ମୁଁ କୋର୍ଟଙ୍କୁ ଏ ସମ୍ପର୍କରେ ଅବଗତ କରିବି। ମୁଁ ଡରିବା ପିଲା ନୁହେଁ, ଫେରାର ହେବାର ଥିଲେ ଲଣ୍ଡନ ପର୍ଯ୍ୟନ୍ତ ଚାଲି ଯାଇଥାନ୍ତି। କେହି ଟେର ବି ପାଇ ପାରି ନ ଥାନ୍ତେ। ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ସାମ୍ରାଜ୍ୟ ସାରା ରାଜ୍ୟରେ ଚହଳ ପକାଇଥିଲା। ବଡ଼ ବଡ଼ିଆଙ୍କୁ ହନିଟ୍ରାପ୍ କରି ସେମାନଙ୍କଠୁ ବଡ଼ ରକମର ଟଙ୍କା ଆଦାୟ କରିବା ଅଭିଯୋଗ ଅର୍ଚ୍ଚନାଙ୍କ ନାଁରେ ଥିଲା। ଏହି ବ୍ଲାକମେଲିଂ ରାକେଟ୍ ଏତେ ବଡ଼ ଥିଲା ଯେ, ଏଥିରେ ନେତା, ମନ୍ତ୍ରୀ, ପ୍ରଶାସକ, ସିନେମା ପ୍ରଯୋଜକଙ୍କ ନାଁ ବି ସାମ୍ନାକୁ ଆସିଥିଲା। ଦିନ କେଇଟାରେ ରାଜଧାନୀରେ ବିରାଟ ବଡ଼ ଆଲିଶାନ୍ ବିଲଡିଂ, ବଡ଼ ବଡ଼ କାର୍ ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିଥିଲେ ଅର୍ଚ୍ଚନା ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦ। ସିନେମା ପ୍ରଯୋଜକଙ୍କୁ ବ୍ଲାକମେଲିଂ ନେଇ ଥାନାରେ ଏତଲା ହେବା ପରେ କମିଶନରେଟ୍ ପୁଲିସ୍ ଏନେଇ ତଦନ୍ତ ଆରମ୍ଭ କରିଥିଲା। ଆଳୁ ଖୋଳୁ ଖୋଳୁ ମହାଭାରତ ଭଳି ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ଗୁମର ଧିରେ ଧିରେ ଫିଟିଥିଲା। ପୁଲିସ୍ ପରେ ଅର୍ଚ୍ଚନାଙ୍କ ମାମଲାରେ ଇଡି ବି ତଦନ୍ତ କରିଥିଲା। ଗତ ବର୍ଷ ଅକ୍ଟୋବରରେ ଅର୍ଚ୍ଚନା ଗିରଫ ହୋଇଥିଲେ। ନୟାପଲ୍ଲୀ ଓ ଖଣ୍ଡଗିରି ଥାନାରେ ତାଙ୍କ ନାଁରେ ମାମଲା ଚାଲୁ ରହିଛି। ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ନାଁରେ ବି ମାମଲା ଚାଲିଥିବା ବେଳେ ସେ ପୂର୍ବରୁ ଜାମିନରେ ଆସିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ...

ଏହି ଯୋଜନାରେ ଅନେକ ଶିଳ୍ପ ସଂସ୍ଥା ଯୋଡି ହୋଇଥିବା ବେଳେ ସେମାନେ ମଧ୍ୟ ପିଲାମାନଙ୍କ ମନୋବଳ ବଢାଇଛନ୍ତି । ଭାରତ ସରକାରଙ୍କ ଆପ୍ରେଣ୍ଟିସସିପ ଆକ୍ଟକୁ ବଦଳାଇବା ଦ୍ୱାରା ଅନେକ କାର୍ଯ୍ୟ ସହଜ ହୋଇଛି । ଅପରପକ୍ଷରେ ଟେକ୍ନୋଲୋଜି ଓ ଡିଜିଟାଲକରଣ ଆମ ଦୈନନ୍ଦିନ ଜୀବନର ଗୋଟିଏ ମାଧ୍ୟମ ହୋଇଛି । ଡିଜିଟାଲ ସାକ୍ଷରତା ବର୍ତ୍ତମାନ ସମୟରେ ପ୍ରାସଙ୍ଗିକ ହୋଇଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ଆମର ଅର୍ଥନୀତି ବ୍ୟବସ୍ଥା ଏବଂ ସାମାଜିକ ବ୍ୟବସ୍ଥା ଉପରେ ପ୍ରଭାବ ପକାଉଛି । ବିଶ୍ୱ ଯେତେବେଳେ ଜେନେରେଟିଭ୍ ଏଆଇ ମାଧ୍ୟମରେ ପରିବର୍ତ୍ତନର ନୂଆ ଧାରା ଆପଣାଉଛି ଏବଂ ଭବିଷ୍ୟତର କାର୍ଯ୍ୟଶୈଳୀ ବଦଳୁଛି, ଆମେ ମଧ୍ୟ ଦକ୍ଷତା ବିକାଶକୁ ଅଧିକ କାର୍ଯ୍ୟକ୍ଷମ କରାଇବାକୁ ଏଆଇକୁ ମାନବୀକରଣ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ରାଜସ୍ଥାନରେ ଆରମ୍ଭ ହେଲା...

ଭଜନ ଲାଲଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଥିଲା। ଏହାପରେ ସେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ରାଜ୍ୟପାଳଙ୍କ ଅନୁମତି କ୍ରମେ ଆଜି ଭଜନ ଲାଲଙ୍କ ସମେତ ଦୁଇ ଉପମୁଖ୍ୟମନ୍ତ୍ରୀ ଶପଥ ନେଇଛନ୍ତି। ୪ ଥର ରାଜ୍ୟ ବିଜେପିର ସାଧାରଣ ସଂପାଦକ ରହିଥିବା ଭଜନଲାଲ ଶର୍ମା ଏବେ ରାଜସ୍ଥାନ ବିଜେପିର ସାଧାରଣ ସଂପାଦକ ଅଛନ୍ତି। ସେ ଆରଏସ୍ଏସ୍ ଓ ଏବିଭିପି ସହିତ ମଧ୍ୟ ଜଡ଼ିତ ଥିଲେ। ସେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। କିନ୍ତୁ ସେ ପ୍ରଥମ କରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

# ଭବାନୀପାଟଣାରେ ଜିଲ୍ଲାସ୍ତରୀୟ ବାର୍ଷିକ ନିଯୁକ୍ତି ମେଳା ଅନୁଷ୍ଠିତ

ଭବାନୀପାଟଣା, ୧୫/୧୨ (ନି.ପ୍ର): ଭବାନୀପାଟଣା ସ୍ଥିତ ଡିଆଇଇଟି ସ୍କୁଲ ପଡିଆରେ ଜିଲ୍ଲା ପ୍ରଶାସନ ଓ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଅନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସଚିନ ପାୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ନିଯୁକ୍ତି ମେଳାରେ ୨୮ ଟି ନିଯୁକ୍ତିଦାତା ସଂସ୍ଥା ଓ ୧୦ ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଯୋଗ ଦେଇଥିଲେ ।ଏହି ମେଳା ରେ ୨୬୭୫ ଜଣ ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ଭାଗ ନେଇଥିଲେ ଓ ୧୦୪୫ ଜଣ ବିଭିନ୍ନ ସଂସ୍ଥା ସହିତ ସହବନ୍ଧିତ ହୋଇଥିଲେ। ଏହି ମେଳାରେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥି ,କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଯୁବ କଲ୍ୟାଣ ଅଧିକାରୀ ମଧୁଳିକା ସା ପ୍ରମୁଖ ଯୁବକ ଯୁବତୀ ମାନଙ୍କୁ ଏହି ସୁଯୋଗର ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି ନିଯୁକ୍ତି ମେଳାରେ ୟୋକହାମା ଟାୟାର, ବିଶାଖାପାଟଣା, ହେଟେରୋ ଲାବ, ରିଲିଆନ୍ସ ଜିଓ, ପିଆଜିଓ ଅଟୋମୋବିଲ, ମୁଥୁତ ଫାଇନାନ୍ସ, ଏଲ୍ଏଣ୍ଡଟି ଆଦି ୨୯ଟି କମ୍ପାନୀ ଭାଗ ନେଇଥିଲେ। ତାଲିମ ଭିତିକ ସଂସ୍ଥା ମଧ୍ୟରେ ବେଦାନ୍ତ, ଶାହୀ ଏକ୍ସପୋର୍ଟ, ସିଟିଟିସି, ଡାଟା ପ୍ରୋ ଭଳି ୧୦ ଗୋଟି ସଂସ୍ଥା ଯୋଗ ଦେଇଥିଲେ। ଏହି ମେଳା ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିବା ବେଳେ, ଜିଲ୍ଲା ସୂଚନା ଅଧିକାରୀ ମନୋଜ କୁମାର ବେହେରା, ଡେପୁଟି ସିଇଓ ଓର୍ମାସ ଜର୍ଜ କେର୍କେଟା , ଶିଶୁ ସୁରକ୍ଷା ଅଧିକାରୀ ଅଂଶୁମାନ ବାବୁ, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ର ଅମ୍ବୁଜ ତିୱାରୀ,ସରକାରୀ ଆଇ ଟି ଆଇ ଭବାନୀପାଟଣା ର ସରୋଜ କୁମାର ବେହେରା ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ। ଏହି ମେଳାରେ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା।

# ଶ୍ରୀମା ମହିଳା ମହାବିଦ୍ୟାଳୟରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାରିପଦା , ୧୫/୧୨ (ନି.ପ୍ର): ବାରିପଦାର ଶ୍ରୀମା ମହିଳା ମହାବିଦ୍ୟାଳୟରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ନଟବର ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶାର ରାଜସ୍ୱ, ବିପର୍ଯ୍ୟୟ ପ୍ରଶମନ ଏବଂ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଆୟୋଜିତ ସଭାରେ ବାରିପଦା ପୌରପାଳିକାର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧକ୍ଷ ସୀମା ଦାସ , ୧ନମ୍ବର ୱାର୍ଡର କାଉନସିଲର ତଥା ପୁରାତନ ଛାତ୍ରୀ ସୁକେଶିନୀ ସେଠୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ପ୍ରସାଶନିକ ଅଧିକାରିଣୀ ଗୀତା ଶତପଥି, ଓ ଡ଼. ସ୍ମିତା ଭଞ୍ଜ ସଭା ପରିଚାଳନା କରିଥିବା ବେଳେ, କାର୍ଯ୍ୟକ୍ରମ ସଂଯୋଜିକା, ପ୍ରାଧ୍ୟାପିକା ମିନାକ୍ଷୀ ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ଡକ୍ଟର ସୁତନୁ ରୁପ, ଅଧ୍ୟାପିକା ମାନସୀ ରାଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ୧୮ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଖଇରା, ୧୫/୧୨ (ନି.ପ୍ର): ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟାଦଶ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ପରିଚାଳନା କମିଟି ସଭାପତି ରାଧାକାନ୍ତ ପାତ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡାର ଭୂମିକା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁଖ୍ୟଅତିଥିଙ୍କ କ୍ରୀଡା ପତାକା ଉତ୍ତୋଳନ ପରେ ଶ୍ରୀୟାଶୀ ବାରିକ ଶପଥ ପାଠ କରାଇଥିଲେ । ପ୍ରାରମ୍ଭରୁ ୭ମ ଶ୍ରେଣୀ ଯାଏ ମୋଟ ୧୮୫ଜଣ ଛାତ୍ରଛାତ୍ରୀ ମଧ୍ୟରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସର୍ଟପୁଟ,ବାଧା ଦୌଡ ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ପ୍ରଭାକର ଓଝା, ବଳରାମ ଲେଙ୍କା, ପଙ୍କଜ ମହାନ୍ତି,ଡମ୍ବରୁ ଜେନା ଗୁରୁମା ଅହଲ୍ୟା ପାଣୀ, ଇତିଶ୍ରୀ ନାୟକ, କବିତା ପାଣିଗ୍ରାହୀ, ମଧୁସ୍ମିତା ଜେନା, ଦିପ୍ତିଶିଖା ପାଣି, ମିତା ପାତ୍ର, ସବିତା ମହାନ୍ତି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର, ୧୫/୧୨ (ନି.ପ୍ର): ସରକାରୀ ନୂତନ ଗଙ୍ଗାଧର ନୋଡାଲ ଉଚ୍ଚ ବିଦ୍ୟାଳୟ,କୁସୁମି ଠାରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସର ଉପାଧକ୍ଷା ଶ୍ରୀମତୀ ଅର୍ପିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗ ଆଂଚଳିକ ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶାର ରେଜିଷ୍ଟ୍ରାର ଡ. ନରସିଂହ ଚରଣ ପଣ୍ଡା, ସମ୍ମାନିତ ଅତିଥିଭାବେ କୋଟପାଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ମଣ୍ଡଳ ଓ କୋଟପାଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ତିଳୋତମା ଗରଡ଼ା ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ରେଡକ୍ରସର ଉତ୍ପତି, ଜୁନିୟର ରେଡ କ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ରେଡ କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗଙ୍ଗାଧର ନୋଡାଲ ଉଚ୍ଚ ବିଦ୍ୟାଳୟ କୁସୁମି ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଶିବିର ବିବରଣୀ ପ୍ରଦାନ କରିଥିବା ବେଳେ ଜିଲ୍ଲା ସାଧନ କର୍ମୀ ଜ୍ୟୋତି ରଞ୍ଜନ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସରକାରୀ ନୂତନ ଗଙ୍ଗାଧର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ କୁସୁମିର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କିରଣ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରକାଶ ଥାଉକି ଏହି ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୮୮୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।ସନ୍ଧ୍ୟାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଚାରକ ଭାବେ ସିନେ ତାରକା ଓ ଅଭିନେତା ପ୍ରକାଶ ମହାନ୍ତି, ଅଭିନେତା ଓ ନାଟ୍ୟକାର ଶେଖର ଦାଶ, ସୁଧାଂଶୁ ଶେଖର ପଟନାୟକ, ନାଗେଶ ଗୌଡ଼, ରାଜେଶ କୁମାର ପ୍ରଧାନ, ଡମ୍ବରୁ ବିଶୋଇ, ନିବେଦିତା ସାହୁ, ଏଲ. ଶ୍ରୀନିବାସ ଓ ସାଧନ କର୍ମୀ ଭାବେ ଯଥାକ୍ରମେ ଯଜ୍ଞେଶ୍ୱର ପଣ୍ଡା, ଜ୍ୟୋତି ରଞ୍ଜନ ନନ୍ଦ, ହରେକୃଷ୍ଣ ମହାରଣା, ସୁଜିତ କୁମାର ନାୟକ, ସପନ କୁମାର ଦୀକ୍ଷିତ, ଶୁଭସ୍ମିତା ସାହୁ,ଡାକ୍ତର ସ୍ୱାଗତ କୁମାର ମିଶ୍ର ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# କବି ଓ ସମାଜସେବୀ ସର୍ବଦା ଅମର

ଜଳେଶ୍ୱର, ୧୫/୧୨ (ନି.ପ୍ର): ବାସ୍ତବରେ ଜଣେ ଜନ ଦରଦି ନେତା, ସାରସ୍ୱତ ସାଧକ ତଥା ଐତିହ୍ୟ ସମ୍ପନ୍ନ ଲେଖକଙ୍କ କେବେ ମୃତ୍ୟୁ ହୋଇପାରେନା ବୋଲି ଆଜି ହିମାଂଶୁ ନନ୍ଦୀଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀରେ ମତପ୍ରକାଶ ପାଇଛି । ଦିଗମ୍ବରୀଦେବୀ ଶିଳ୍ପ ତାଲିମକେନ୍ଦ୍ର ପରିସରରେ ତାଙ୍କ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ୮ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଛି । ବିଶିଷ୍ଟ ସାମ୍ୟବାଦୀ ନେତା ଶିଶିର ହୁଇ ଏଥିରେ ଅଧ୍ୟକ୍ଷତା କରି ହିମାଂଶୁ ନନ୍ଦୀଙ୍କ ବହୁମୁଖୀ ପ୍ରତିଭା ଏବଂ ଦୀନ ଦରିଦ୍ର ମେହେନତି ଲୋକଙ୍କ ଲାଗି ତାଙ୍କର ସଂଗ୍ରାମ, କବି ଓ ଲେଖକ ଭାବେ ଲେଖା ଆଜିବି ତାଙ୍କୁ ଅମର ରଖିଛି ବୋଲି କହିଥିଲେ। ପୂର୍ବତନ ବିଧାୟକ ଦେବି ପ୍ରସନ୍ନ ଚନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ହିମଂାଶୁ ନନ୍ଦୀ ଜଳେଶ୍ୱର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ଭାବେ ଜଳେଶ୍ୱର ବିକାଶର ସ୍ୱପ୍ନ ଦେଖିଥିଲେ । ମୁଖ୍ୟବକ୍ତାଭାବେ ସମାଜସେବୀ ବିଷ୍ଣୁପଦ ମହାନ୍ତି, ଜଳେଶ୍ୱରର ବୋଇତବନ୍ଦାଣ ଉତ୍ସବର ସେ ପ୍ରତିଷ୍ଠାତା ସଦସ୍ୟ । ତାଙ୍କ ସାମ୍ୟବାଦୀ ଚିନ୍ତା ଚେତନା ତାଙ୍କୁ ସବୁଦିନ ଲାଗି ଅମର କରି ରଖିବ । ୨୦୦୮ ସୁବର୍ଣ୍ଣରେଖା ବନ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଜଳେଶ୍ୱର ସହର ସଂପର୍କରେ ତାଙ୍କ ଆଲେଖ ସରକାରଙ୍କୁ ପ୍ରଭାବିତ କରିଥିଲା ବୋଲି କହିଥିଲେ ।


## ବିଜ୍ଞପ୍ତି

ନିମ୍ନଲିଖିତ ମାନେଡ୍ ଇଂ। ରୁପସା-ବାଙ୍ଗ୍ରିପୋସି ବିଭାଗରେ ଲେଭଲ୍ କ୍ରସିଂ ୩୦.୧୨.୨୦୨୩ ରୁ ସ୍ଥାୟୀ ଭାବରେ ବନ୍ଦ ରହିବ ।

| ସ୍ତର କ୍ରସିଂ ନଂ | ଅବସ୍ଥାନ | କ୍ଲାସ୍ | ବିଭାଗ |
|---|---|---|---|
| RB-53 | 70 / 06-07 | C | ରୂପସା-ବାଙ୍ଗିରିପୋଷି |

(PR-923) ବିଭାଗୀୟ ରେଳ ପରିଚାଳକ / ଇଞ୍ଜିନିୟରିଂ ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହସିବା ସହିତ ସେବା କରୁ


# ଅର୍ଥାଭାବ: ଆଖି ବୁଜିଲେ ବିଦ୍ୟୁତ କର୍ମଚାରୀ

ଖଇରା, ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ଅଧୀନ ଆଳଦା ଗ୍ରାମର ସୁଧାଂଶୁ ପାଇକରାୟ(୪୭) ଗୁରୁବାର ରାତିରେ ଜଣ୍ଡିସରେ ପ୍ରାଣ ହରାଇଛନ୍ତି । ସେ କିଛି ମାସ ହେଲା ଜଣ୍ଡିସରେ ପିଡିତ ଥିବା ବେଳେ ଗୁରୁବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭଗ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣବାୟୁ ଉଡି ଯାଇଥିଲା । ଟାଟା ପାଓ୍ୱାର ବିଦ୍ୟୁତ କମ୍ପାନିରେ ଅସ୍ଥାୟୀ କର୍ମଚାରୀ ଭାବେ କର୍ଯ୍ୟ କରୁଥିବା ସୁଧାଂଶୁ ଅର୍ଥାଭାବ ଯୋଗୁଁ ନିୟମିତ ଔଷଧ ଖାଇ ନପାରିବା ରୋଗ ବଢିଥିଲା । ଯେଉଁଥିପାଇଁ ସେ ଆଖିବୁଜିଲେ ବୋଲି ପରିବାର ଲୋକ ଓ ଗ୍ରାମବାସୀ କହିଛନ୍ତି। ତାଙ୍କ ପରିବାରରୁ ନିଯୁକ୍ତି ଓ ଆର୍ଥିକ ସହାୟତା ଦେବାକୁ ଦାବୀ କରାଯାଇଛି ।

# କୁମ୍ଭାର ଗୁଡା ସ୍କୁଲରେ ଶିକ୍ଷକଙ୍କ ଅନିୟମିତତା ଅଭିଯୋଗ

ମାଲକାନଗିରି, ୧୫/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ କୁମ୍ଭାର ଗୁଡା ଗ୍ରାମସ୍ଥିତ ସ୍କୁଲରେ ଶିକ୍ଷକ ଙ୍କ ଅନିୟମିତତା ଦେଖିବାକୁ ମିଳିଛି। ଏହି ସ୍କୁଲରେ କାର୍ଯ୍ୟରତ ଦୁଇ ଶିକ୍ଷକଙ୍କ ମଧ୍ୟରେ ଜଣେ ଓଳିଏ ଆସିଲେ ଓଳିଏ ଆସୁନଥିବାରୁ ସ୍କୁଲରେ ପାଠପଢ଼ାରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ କୁମ୍ଭାର ଗୁଡା ନୂତନ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨ ଜଣ ଶିକ୍ଷକ ଅଛନ୍ତି । ଏହି ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକ ବିଦ୍ୟାଳୟ ନିକଟରେ ରହୁଥିବା ବେଳେ ପ୍ରଧାନ ଶିକ୍ଷକ ନିକଟସ୍ଥ ଗ୍ରାମରେ ରହୁଛନ୍ତି ସେ ନିୟମିତ ଭାବେ ଦ୍ୱିପହର ପରଠାରୁ ଘରକୁ ଖାଇବାକୁ ଯାଇ ଆଉ ଆସୁନଥିବା ଜଣାପଡ଼ିଛି। ସ୍କୁଲରେ ଛାତ୍ରଛାତୀ ପାଠ ପଢିବା ବଦଳରେ ଦିନରେ ମାତ୍ରାଧିକ ସମୟ ଶ୍ରେଣୀଗୃହରେ ଖେଳକୁଦରେ କାଟୁଥିବା ସେହି ଗ୍ରାମର ଜଣେ ବ୍ୟକ୍ତି ନାମ ଲୁଚାଇ କହିଛନ୍ତି। ଏ ନେଇ ସ୍ଥାନୀୟ ଅଂଚଳର କିଛି ଲୋକେ ବିଭାଗର ଜଣେ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି ଏ ଦିଗରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏ ବାବଦରେ ପଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଦୁର୍ଗମ ଅଂଚଳରେ ରହିଥିବା ସ୍କୁଲ ଗୁଡ଼ିକରେ ପାଠପଢାକୁ ନେଇ ନାନା ମତ ପ୍ରକାଶ ପାଉଥିବା ବେଳେ କୁମ୍ଭାର ଗୁଡା ପ୍ରାଥମିକ ସ୍କୁଲର ଅବସ୍ଥା ଶିକ୍ଷା ବିଭାଗର ପ୍ରକୃତ ଚିତ୍ରକୁ ପଦାରେ ପକାଉଛି ବୋଲି ଆଲୋଚନା ହେଉଛି। ଏପରି ସ୍ଥିତିରେ କୁମ୍ଭାର ଗୁଡା ସ୍କୁଲର ସ୍ଥିତି ପରଖି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଜଳେଶ୍ୱର ଷ୍ଟେସନରେ ଲିଫ୍ଟ ଅଚଳ : ଦିବ୍ୟାଙ୍ଗ ଓ ବରିଷ୍ଠ ଯାତ୍ରୀ ହନ୍ତସନ୍ତ

ଜଳେଶ୍ୱର , ୧୫/୧୨ (ନି.ପ୍ର): ଜଳେଶ୍ୱର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ଢଙ୍ଗରେ ବର୍ଦ୍ଧିତ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଲିଫ୍ଟ ଭଳି ସର୍ବନିମ୍ନ ସେବା ଆଜକୁ ୧ ସପ୍ତାହ ହେବ ବନ୍ଦ ରହିଛି । ଫଳରେ ଗର୍ଭବତୀ ମହିଳା, ବରିଷ୍ଠ ଓ ଦିବ୍ୟାଙ୍ଗ ମାନେ ଯାତାୟାତରେ ନାହିନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି ।

ଘଟଣାରୁ ପ୍ରକାଶ ଓଡିଶା ଓ ପଶ୍ଚିମବଂଗ ସୀମାନ୍ତରେ ଅବସ୍ଥିତ ଜଳେଶ୍ୱର ରେଳ ଷ୍ଟେସନ ଉପରେ ପ୍ରାୟ ଓଡିଶାର ଏକ ହଜାର ଓ ପଶ୍ଚିମବଂଗର ପାଞ୍ଚ ଶହ ଗ୍ରାମର ଲୋକମାନେ ନିର୍ଭର କରିଥାନ୍ତି । ଦେଶର ବିଭିନ୍ନ ସହରକୁ ଯିବାଲାଗି ପ୍ରାୟ ବହୁ ଦ୍ରୁତଗାମୀ ଟ୍ରେନ ଓ ପାସେଞ୍ଜର ଟ୍ରେନ ଅଟକୁ ଥିବା ବେଳେ ଷ୍ଟେସନରେ ସବୁବେଳେ ଗହଳି ଲାଗିଥାଏ । ଏହି ଷ୍ଟେସନରୁ ବାର୍ଷିକ୧୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ଆୟ ହେଉଥିବା ବେଳେ ଏହାର କଳେବର ବୃଦ୍ଧି ଓ ଆକର୍ଷଣୀୟ ଲାଗି ୨୫ କୋଟି ଟଙ୍କାର ପ୍ରକଳ୍ପକୁ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ହେଲେ ଦୁର୍ଭାଗ୍ୟର ବିଷୟ ଲିଫ୍ଟ ଭଳି ସର୍ବନିମ୍ନ ସେବା ଆଜକୁ ୧୦ଦିନ ହେବ ଏଠାରେ ବନ୍ଦ ରହିଛି । ଫଳରେ ଗର୍ଭବତୀ ମହିଳା, ବରିଷ୍ଠ ଓ ଦିବ୍ୟାଙ୍ଗ ମାନେ ଯାତାୟାତରେ ନାହିନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ବେଳେ ବାରମ୍ବାର ଦାବିସତ୍ତ୍ୱେ ୪ନଂ ପ୍ଲାଟଫର୍ମରେ ଅନ୍ୟଏକ ଲିଫ୍ଟ ସଂଯୋଗ କରାଯାଉନଥିବାରୁ ଅସନ୍ତୋଷ ବଢୁଛି । ଯଥାଶୀଘ୍ର ଲିଫ୍ଟ ମରାମତି ସହିତ ୪ନଂ ପ୍ଲାଟଫର୍ମରେ ଅନ୍ୟଏକ ଲିଫ୍ଟ ସଂଯୋଗ କରିବାକୁ ସମାଜକଲ୍ୟାଣ ବିକାଶ ପରିଷଦର ସଭ୍ୟମାନେ ଓ ବହୁ ବୁଦ୍ଧିଜିବୀ ଦାବି କରିଛନ୍ତି । ଏ ସଂପର୍କରେ ଷ୍ଟେସନମାଷ୍ଟରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ମରାମତି ହେବାବୋଲି କହିଛନ୍ତି ।

# ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ




ଭଦ୍ରକ, ୧୫/୧୨ (ନି.ପ୍ର): ଜନ କଲ୍ୟାଣକାରୀ ଓ ବିକାଶ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ପ୍ରଗତି ଓ ସମସ୍ୟା ସମ୍ବନ୍ଧରେ ସମୀକ୍ଷା କରାଯିବା ଉଦ୍ଦେଶ୍ୟରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଅଧ୍ୟକ୍ଷତାରେ ବାସୁଦେବପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସି.ଡି.ଓ. ସରୋଜ କୁମାର ଦତ୍ତ, ସହକାରୀ ନିର୍ଦ୍ଦେଶକ ପ୍ଲାନିଂ ମହେଶ ଚନ୍ଦ୍ର ସ୍ୱାଇଁ, ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ବାସୁଦେବପୁର ପୌରାଧ୍ୟକ୍ଷାଙ୍କ ପ୍ରତିନିଧି ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ଏହି ବୈଠକରେ ଯୋଗଦେଇ ବିଭାଗୀୟ ଅଧିକାରୀ ମାନଙ୍କ ଜରିଆରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାସୁଦେବପୁର ବ୍ଲକ୍ ଓ ମ୍ୟୁନିସିପାଲିଟି ଏବଂ ତିହିଡ଼ି ବ୍ଲକ୍‌ର ସଂପୃକ୍ତ ୯ଟି ପଞ୍ଚାୟତର ନିର୍ମାଣାଧୀନ ପ୍ରକଳ୍ପ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ସମ୍ବନ୍ଧରେ ସମୀକ୍ଷା କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ସମବାୟ, ଆର୍.ଏମ୍.ସି., ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଗ୍ରାମ୍ୟ ଜଳଯୋଗାଣ, ସର୍ବଶିକ୍ଷା, ଡ୍ରେନେଜ୍, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗୀୟ କାର୍ଯ୍ୟଧାରା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଖରିଫ୍ ଚାଷ ଅମଳ ପରେ ରବି ଫସଲରେ ସୂର୍ଯ୍ୟମୁଖୀ, ଡାଲି ଜାତୀୟ ଫସଲ, ସମନ୍ୱିତ କୃଷି ଉପରେ ପ୍ରାଧାନ୍ୟ ଦିଆଯିବା ସହିତ ପ୍ରଥମ କରି ମାଣ୍ଡିଆ ଚାଷ ଆରମ୍ଭ କରାଯିବା ପାଇଁ ଡେମନଷ୍ଟ୍ରେସନ କରିବା ନେଇ ବୈଠକରେ ବିଭାଗୀୟ ଅଧିକାରୀ ଶ୍ରୀଧର ଦାଶଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଥିଲା। ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନାରେ ଛତୁ, ଫୁଲ, ମହୁମାଛି ଚାଷ ସହ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମର ପନିପରିବା ଚାଷୀ ମାନଙ୍କୁ ଯୋଜନା ଅନୁଯାୟୀ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ମିଶନ ଶକ୍ତି ମହିଳା ମାନଙ୍କ ପାଇଁ ଏହିସବୁ ଯୋଜନାରେ ଥିବା ସୁବିଧା ସୁଯୋଗ ସମ୍ବନ୍ଧରେ ସେମାନଙ୍କୁ ଅଧିକ ସଚେତନତା କରାଯିବାର ଆବଶ୍ୟକତା ଅଛି ବୋଲି ସି.ଡି.ଓ. ପରାମର୍ଶ ପ୍ରଦାନ କରିଥିଲେ। ପୁରୁଣା ପୋଖରୀରେ ମାଛଚାଷ, ନୂଆ ପୋଖରୀ ଖନନ ଓ ମାଛଚାଷ, ମିଶନ ଶକ୍ତି ମହିଳା ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀରେ ମାଛଚାଷ ପାଇଁ ସବ୍‌ସିଡି ବ୍ୟବସ୍ଥା, ବାସୁଦେବପୁରର ୬୦୦ ହେକ୍ଟର ଜମିରେ କରାଯାଉଥିବା ଚିଙ୍ଗୁଡ଼ି ଚାଷ ପାଇଁ ଅତ୍ୟାବଶ୍ୟକ ବିଦ୍ୟୁତ ଯୋଗାଣ, ଚୂଡ଼ାମଣି ବନ୍ଦର ଓ କଷିଆ ଜେଟିର ପୁନଃଉଦ୍ଧାର, ମରାମତି ଓ ନୂତନ ନିର୍ମାଣ ସମ୍ବନ୍ଧୀୟ ଅନୁଦାନ, ସମସ୍ୟା ଆଦି ସମ୍ବନ୍ଧରେ ମତ୍ସ୍ୟ ଅଧିକାରୀ ପ୍ରକାଶ ନାୟକ ଓ ସଂପୃକ୍ତ ଯନ୍ତ୍ରୀ ମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ ଆଲୋଚନା କରାଯାଇ ପଦକ୍ଷେପ ନେବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା। ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣାଧୀନ ସମସ୍ତ ରାସ୍ତା, ପୋଲ ଆଦି କାମ ଅତିବେଶୀରେ ଜାନୁୟାରୀ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଆର୍.ଏମ୍.ସି. ଦ୍ୱାରା ବାସୁଦେବପୁର, ବେତଡ଼ା, ବାଲିମେଦ, ତିହିଡ଼ି, ନାୟକାଣୀଡିହ ଆଦି ଠାରେ ମରାମତି ଓ ନିର୍ମାଣ ହେବାକୁ ଥିବା ବଜାର ପିଣ୍ଡି ଯଥାଶୀଘ୍ର ସମାପ୍ତ କରିବା ସହ ଏବେ ଏବେ ୩୫ ଦୋକାନ ଭଙ୍ଗାଯାଇଥିବା ବାରାପୁର ଠାରେ ନୂତନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବାସୁଦେବପୁର ବି.ଡି.ଓ. ସଂଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତିହିଡ଼ି ବି.ଡି.ଓ. ଜ୍ୟୋତିର୍ମୟ କର, ବାସୁଦେବପୁର ଏସ୍.ଡି.ପି.ଓ. ସୌରଭ ଓତା, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପାଳିକା ବାସୁଦେବପୁର ସମୀର ରଞ୍ଜନ ଦାସ ପ୍ରମୁଖଙ୍କ ସହ ଜିଲ୍ଲା ଓ ଉକ୍ତ ବ୍ଲକ ସ୍ତରୀୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

# ନର୍ସିଂହୋମ ପାଲଟିଲା ବିବାହ ବେଦୀ

ବାରିପଦା, ୧୫/୧୨ (ନି.ପ୍ର): ନର୍ସିଂହୋମ ପରିସର ରେ ଖୁବ ଧୁମଧାମରେ ଅନୁଷ୍ଠିତ ହେଲା ବିବାହ କାର୍ଯ୍ୟ। ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବା ସାଙ୍ଗକୁ ଭୋଜିଭାତ ଖାଇ ଅତିଥି ମାନେବି ବର କନ୍ୟାଙ୍କୁ ଆଶୀର୍ବାଦ କରିବା ସହ ଏଭଳି ନିଆରା ବାହାଘରକୁ ନେଇ ପ୍ରଶଂସା କରିଛନ୍ତି। ଘଟଣା ମୁତାବକ ବାରିପଦାର ଲାଲବଜାର ଠାରେ ଥିବା ସାଇ ନର୍ସିଂହୋମରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ବାରିପଦା ସହର ଶୁନଗଡିଆ ଅଞ୍ଚଳର ଅର୍ଜୁନ ପଣ୍ଡାଙ୍କ ଝିଅ ପ୍ରମୋଦିନୀ ଏବଂ ଭଦ୍ରକ ଜିଲ୍ଲା ନେଡରା ପଞ୍ଚାୟତ ଅନ୍ତର୍ଗତ କୁଳମଣି ପଣ୍ଡାଙ୍କ ପୁଅ ଜ୍ଞାନ ରଞ୍ଜନ ପଣ୍ଡା। ସୂଚନା ମୁତାବକ କନ୍ୟା ପ୍ରମୋଦିନୀଙ୍କ ବାପା ଅର୍ଜୁନ ନର୍ସିଂହୋମରେ ଥିବା ଭୁବନେଶ୍ୱରୀ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରନ୍ତି। ଗରିବ ବ୍ରାହ୍ମଣ ଅର୍ଜୁନ ନିଜ ଝିଅର ବାହାଘର କରିବାକୁ ଅସମର୍ଥ ଥିବା କଥା ଜାଣି ନର୍ସିଂହୋମର ମାଲିକ ଲକ୍ଷ୍ମୀକାନ୍ତ ଓ ତାଙ୍କ ଧର୍ମପତ୍ନୀ ଅର୍ଜୁନଙ୍କ କନ୍ୟା ପ୍ରମୋଦିନୀର ବିବାହ କାର୍ଯ୍ୟ ଧୂମଧାମରେ ସମ୍ପନ୍ନ କରିଛନ୍ତି। ଏଭଳି ମହତ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ବେଶ ଖୁସି ଥିବା କହିଛନ୍ତି ଡା। ଲକ୍ଷ୍ମୀକାନ୍ତ ଓ ତାଙ୍କ ଧର୍ମପତ୍ନୀ। ଜଣେ ଘରୋଇ ନର୍ସିଂହୋମ ମାଲିକଙ୍କର ଏଭଳି ବଦାନ୍ୟତାକୁ ନେଇ ସାଧାରଣରେ ଖୁବ ପ୍ରଶଂସା କରା ଯାଉଥିବା ବେଳେ ନବ ଦମ୍ପତିଙ୍କ ପାଖକୁ ଶୁଭେଚ୍ଛାର ସୁଅଛୁଟିଛି।



# ଦୁଇ ବାଇକ୍ ମୁହାଁମୁହିଁ : ୩ ମୁମୂର୍ଷୁଙ୍କୁ ସ୍ଥାନାନ୍ତର

ଜଳେଶ୍ୱର , ୧୫/୧୨ (ନି.ପ୍ର): ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥରେ ବେପାରୁଆ ବାଇକ୍ ଚାଳନା ଯୋଗୁଁ ବହୁ ସମୟରେ ଦୁର୍ଘଟଣାମାନ ଘଟିଆସୁଛି । ଗୁରୁବାର ସଂଧ୍ୟାରେ ଆମ୍ବଳିଅଠା ନିକଟ ସ୍ୱପ୍ନେଶ୍ୱର ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ହୋଇଥିବା ବେଳେ ସେଥିରେ ଥିବା ୩ଜଣ ଆରୋହୀ ଗୁରୁତର ହୋଇଥିଲେ । ସୂଚନାଯୋଗ୍ୟ ଓଡି୦୧-ସି୪୭୪୦ ଓ ଓଡି୦୧ଜେ୯୮୮୨ ବାଇକ୍ ଦୁଇଟି ମଧ୍ୟରେ ମୁହାଁମୁହିଁ ହେବା ଫଳରେ ଏଥିରେ ଥିବା ୩ଜଣ ଆରୋହୀ ରାସ୍ତାକଡ ଅନ୍ଧାରରେ ମୁମୂର୍ଷୁ ଅବସ୍ଥାରେ ଦୀର୍ଘ ସମୟ ଧରି ପଡି ରହିଥିଲେ । କେତେକ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଡାକ୍ତରଖାନା ଅଣାଯାଇଥିଲାବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କ ପରିଚୟ ମିଳିପାରିନଥିବା ବେଳେ ନିକଟସ୍ଥ ଗ୍ରାମର ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପିତ




ଖଇରା, ୧୫/୧୨ (ନି.ପ୍ର): ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ରେ ୩ଦିନିଆ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା କୋଚିଆକୋଇଲି କଲ୍ୟାଣ ମଣ୍ଡପରେ ଉଦ୍‌ଯାପିତ ହୋଇ ଯାଇଛି । ବ୍ଲକ କୃଷି ଅଧିକାରୀ ସରୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି,ବ୍ଲକ ମତ୍ସ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ,ମୃତ୍ତିକା ସଂରକ୍ଷଣ ଅଧିକାରିଣୀ ଅରୁଣା ପାଲତି,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସିଡିପିଓ ନଳିନୀ କୁମାରୀ ମହାରଣା,ସିମୁଳିଆର ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ମିଶ୍ର,ସୁପରଭାଇଜର ଆଶାଲତା ଦାସ ଓ ରଶ୍ମିରେଖା ପୃଷ୍ଟି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟରେ ସରକାର ସବୁ ବର୍ଗର ଲୋକଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରୁଛନ୍ତି । ଏଣୁ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ । ଗୁରୁବାର ଦ୍ୱିତୀୟ ଦିବସରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରିଣୀ ରିତାଞ୍ଜଳୀ ନାୟକ,ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ଶୁଭଶ୍ରୀ ସ,ତୃପ୍ତିଲତା ମାଝୀ, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶଶିକାନ୍ତ ଦାସ,ତାରାକାନ୍ତ ମହାପାତ୍ର,କୃଷି କର୍ମଚାରୀ ଜିବନଜ୍ୟୋତି ଦାସ,ପ୍ରଶାନ୍ତ କୁମାର ମହାପାତ୍ର, ନୟାଖଣ୍ଡି ସରପଞ୍ଚ ପ୍ରତିନିଧି ହୃଦୟ ବେହେରା ପ୍ରମୁଖ ସହଯୋଗ କରିଥିଲେ । ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ୨୫ଟି ପଞ୍ଚାୟତର ଲୋକପ୍ରତିନିଧି,ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ରାତି ଅଧିଆ ସ୍କୁଲଛାତ ଢଳେଇ କାମକୁ ବିରୋଧ

ଖଇରା, ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅର୍ଜୁନପୁର ମୌଜା ତାଳମହୁରୀ ଗ୍ରାମ ନିକଟରେ ଚାଲିଥିବା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ଛାତକାମ ଆରମ୍ଭରୁ ଅତି ନିମ୍ନ ମାନର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ହେଁ ଯନ୍ତ୍ରୀ ମାନଙ୍କ କୋହଳ ମନୋଭାବ ଯୋଗୁଁ ଉକ୍ତ କାର୍ଯ୍ୟର ତଦନ୍ତ ହେଉନଥିବା ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ସବୁ ପରେ ଉକ୍ତ କାର୍ଯ୍ୟପାଇଁ ନିଯୁକ୍ତ ଠିକାଦାର ଶୁକ୍ରବାର ରାତି ଅଧିଆ ଛାତ ଢଳେଇ କାର୍ଯ୍ୟକୁ ଗ୍ରାମାବସୀ ମାନେ ତିବ୍ର ବିରୋଧ କରିଛନ୍ତି । ତାଳମହୁରୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା, ରବିନ୍ଦ୍ର ବେହେରା, ରମାକାନ୍ତ ଦାସ, ସୁରେନ୍ଦ୍ର ଦାସ, ବିଜୟ ବାରିକ ପ୍ରମୁଖ ଠିକାଦାରଙ୍କୁ ଦିନରେ ଯନ୍ତ୍ରୀଙ୍କ ଉପସ୍ଥିତିରେ ଛାତ ଢଳେଇ କରିବାକୁ କହିଥିଲେ ହେଁ ଠିକାଦାର ଜିଦଖୋର ମନୋଭାବ ନେଇ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଛାତ କାର୍ଯ୍ୟ ଜାରି ରଖିଥିବାରୁ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ତୁରନ୍ତ ଜିଲାପାଳ,ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଏହିଭଳି ଦୁର୍ନିତିର ଉଚ୍ଚସ୍ତରୀୟ ତଦନ୍ତ କରାଇବାକୁ ଦାବୀ ହୋଇଛି । ଏଭଳି କି ସ୍ଥାନୀୟ ସରପଞ୍ଚ ରାତିରେ ଛାତ କାର୍ଯ୍ୟ ନକରିବାକୁ ପରାମର୍ଶ ଦେଇଥିଲେ ଏହା ସେ ଶୁଣୁନଥିବାର ଅଭିଯୋଗ ହୋଇଛି । ଉକ୍ତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ୩କୋଟି ୭ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଆରମ୍ଭରୁ ଫାଉଣ୍ଡେସନରେ ପାହାଡ ମାଟି ଫିଲିଂ କରାଯିବା ଓ କଂକ୍ରିଟ ଢଳେଇ ଫାଟ,ନିମ୍ନ ମାନର ସିମେଣ୍ଟ ଓ ଚିପ୍ସ ବ୍ୟବହାରକୁ ନେଁ ଗ୍ରାମବାସୀ ମାନେ ଅଭିଯୋଗ କରି ଆସୁଛନ୍ତି ।

# ଡିସେମ୍ବର ୧୭ରୁ ୨୪ ଐତିହାସିକ ଖୋର୍ଦ୍ଧା ମହୋତ୍ସବ



ଖୋର୍ଦ୍ଧା, ୧୫/୧୨ (ନି.ପ୍ର): ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ ତଥା ଭାରତ ସ୍ୱାଧୀନତା ସଂଗ୍ରାମର ଏକ୍ତୁଡ଼ିଶାଳ ଖୋର୍ଦ୍ଧାର ହାବେଳୀ ପଡିଆଠାରେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ଡିସେମ୍ବର ମାସ ୧୭ ରୁ ୨୪ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ ଯଥା ଆସାମର ବିହୁ ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ, କେରଳର କଲରା ପାଇଟୁ, ମଣିପୁରର ଥାଙ୍ଗଟା, ଓଡିଶୀ ତଥା ପାଇକ ଆଖଡ଼ା ଦଳ ମାନ ଅଂଶ ଗ୍ରହଣ କରି ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିବେ । ଏହି ମହୋତ୍ସବ ରେ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ, ବୟନ ଶିଳ୍ପ ଆଦିର ପ୍ରଦର୍ଶନୀ ମଣ୍ଡପ ମାନ ମଧ ସ୍ଥାନ ପାଇବ ବୋଲି ସ୍ଥାନୀୟ ମହୋତ୍ସବ ପଡିଆ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ମହୋତ୍ସବ କମିଟିର ସଭାପତି ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ ଓ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଜଣାଇଛନ୍ତି । ଏଥିରେ ଦଳ ମତ ନିର୍ବିଶେଷରେ ପ୍ରତେକ ଦଳର ରାଜନେତା, ସମାଜସେବୀ, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି, ଐତିହାସିକ, ସାହିତ୍ୟିକ, ଆଇନଜୀବୀ ଆଦି ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ବିଭିନ୍ନ ଦିବସ ରେ ଅତିଥି ରୂପେ ଯୋଗଦାନ କରିବେ । ଏହି ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତ ଜନସାଧାରଣ ତଥା ପ୍ରତେକ ବର୍ଗର ବ୍ୟକ୍ତି ମାନଙ୍କୁ ମହୋତ୍ସବ ଆୟୋଜନ କମିଟି ତରଫରୁ ଅନୁରୋଧ କରାଯାଇଛ।

# ଆଧାର ନାହିଁ ବୋଲି ନେଲେନାହିଁ ଆଡ଼ମିସନ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ଚୂଡ଼ାମଣି'

ଉଦଳା , ୧୫/୧୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବହୁବନ୍ଧ ପଂଚାୟତ ଅନ୍ତର୍ଗତ ଗୁଧିମରା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଭଗବାନ ମୁର୍ମୁ ଓ ମାତା ସଲମା ମୁର୍ମୁଙ୍କ କନ୍ୟା ଚୂଡ଼ାମଣି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣା ଯାଇଛି । ଚୂଡ଼ାମଣିଙ୍କୁ ବର୍ତମାନ ବୟସ ୧୪ ଛୁଇଁଥିବା ବେଳେ ସେ ଗ୍ରାମ ନିକଟରେ ଥିବା ବହୁବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ଖବର ନେବାରୁ ଜଣାଯାଇଛି ଯେ ସେ ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ନିକଟସ୍ଥ ଶାଳମୁଣ୍ଡଳି ଗ୍ରାମସ୍ଥିତ ବନଦୁର୍ଗା ଉଚ୍ଚବିଦ୍ୟାଳୟକୁ ଯାଇଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ନଆଣିଲେ ନାମ ଲେଖାଯାଇ ପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦାକରିଦେଲେ । ଏକଥା ଚୂଡ଼ାମଣିର ଅବିଭାବକ ଗଣମାଧ୍ୟମକୁ ଜଣାଇଛନ୍ତି । ଏହିଭଳି ଆଜକୁ ୨ ବର୍ଷ ହେବ ଚୂଡ଼ାମଣି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛି । ସରକାରଙ୍କ ଗୋଷଣା



ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା । ଅଥଚ ଚୂଡ଼ାମଣିଙ୍କ ପରି ପିଲା ଏବେ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ଆଧାର କାର୍ଡ଼ ନଥିବା ଯୋଗୁଁ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ମଧ ଚୂଡ଼ାମଣି ପାଇବାରୁ ବଂଚିତ ଅଛନ୍ତି । ଆଧାର କାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ଚୂଡ଼ାମଣିର ପିତା ଭଗବାନ ମୁର୍ମୁ କହିଛନ୍ତି । କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

# ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୫/୧୨ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ ସମ୍ବନ୍ୱିତ ଯୁବ ବିକାଶ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପକ୍ଷରୁ ନିଶା ନିବାରଣ ସଚେତନତା ଅଭିଯାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ନିତ୍ୟାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତଥା ଭଦ୍ରକ ନିଶା ନିବାରଣ ପରିଷଦର ଉପସଭାପତି ପ୍ରଫେସର ଅଟଳ ବିହାରୀ ନାୟକ ଯୋଗଦେଇ ନିଶା ନିବାରଣ ପାଇଁ ଯୁବ ସମାଜ ଆଗକୁ ଆସିବା ଦରକାର ଏବଂ ନିଶା ନିବାରଣ ପାଇଁ ଶିକ୍ଷିତ ଲୋକ ଆଗକୁ ଆସିଲେ ସମାଜ ଶୃଙ୍ଖଳିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ମୁଖ୍ୟ ଅତିଥି ଭେଷଜ ବିଜ୍ଞାନୀ ଡ଼ା. ଦୁର୍ଯ୍ୟୋଧନ ଦାସ ଯୋଗ ଦେଇ ନିଶା କିପରି ଶରୀରର ପ୍ରତ୍ୟେକ ଅଙ୍ଗକୁ ନଷ୍ଟ କରିଦିଏ ଏବଂ ନିଶା ସେବନରୁ ସମାଜକୁ ବ୍ୟାଧିମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । ସଭା ପ୍ରାରମ୍ଭରେ ପଣ୍ଡିତ ମଧୁସୂଦନ ତ୍ରିପାଠୀ ବେଦ ପାଠ କରିଥିଲେ ଏବଂ ଅକ୍ଷୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ନୋଡ଼ାଲ ଅଫିସର ଅଧ୍ୟାପକ ଶୁକଦେବ ପଣ୍ଡା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼. ପ୍ରମୋଦ କୁମାର ନାୟକ, ମଞ୍ଜୁଲତା ମହାପାତ୍ର ଓ ଗୌରାଙ୍ଗ ଦାସ ପ୍ରମୁଖ ଯୋଗଦେଇଥିଲେ । ସଭା ପରେ ଛାତ୍ରଛାତ୍ରୀମାନେ ନିଶା ନିବାରଣ ସ୍ଲୋଗାନ ଦେଇ ପୁରୁଣାବଜାର, କାଜି ମହଲା, ବାଙ୍କା ବଜାର, ଧନାଟୋଲା, ବାବୁ ସାହି ପ୍ରଭୃତି ସାହି ପରିକ୍ରମା କରିଥିଲେ । ପରିଶେଷରେ ନୋଡ଼ାଲ ଅଫିସର ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ଓଷ୍ଟା ଶିଶୁ ମେଳା-୨୦୨୩



ବଡ଼ସାହି , ୧୫/୧୨ (ନି.ପ୍ର): ଏହି ବ୍ଲକ ଅଧିନ ଛେଳିଆ(କ) ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ତରଫରୁ ବ୍ଲକ ସ୍ତରୀୟ ଶିଶୁମେଳା- ୨୦୨୩ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଓଷ୍ଟା ସଂଘର ସଭାପତି ସରୋଜ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ବ୍ଲକ ସଂଘର ସଂପାଦକ ପ୍ରଭାସ କୁମାର ନାୟକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଏବଂ ମଞ୍ଚ ପରିଚାଳନା ବାଣୀଶ୍ରୀ ସିଂହ ଓ ଗୋବିନ୍ଦ ଚନ୍ଦ୍ର ଜେନା କରିଥିଲେ । ମୁଖ୍ୟବକ୍ତା ପଦ୍ମଲୋଚନ ଦାସ ଏ.ବି.ଇ.ଓ. , ସ୍ୱତନ୍ତ୍ର ଅତିଥି ଦେବରାଜ ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି , ସମ୍ମାନନୀୟ ଅତିଥି ରଧିଆ ଚରଣ ମୁଣ୍ଡା , ଅଞ୍ଜଳୀ ଦଣ୍ଡପାଟ ବ୍ଲକ ଉପ ସଭାପତି । ଶିଶୁମେଳାର ବ୍ଲକ ସ୍ତରରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ନୃତ୍ୟ, ସଂଗୀତ, ଅଭିନୟ, କୁଇଜ, ତର୍କ, ଚିତ୍ରାଙ୍କନ, ଗଳ୍ପ ଲିଖନ,କବିତା ଲିଖନ, ସାଧାରଣ ଜ୍ଞାନ ପରି ୧୦ଟି ବିଭାଗରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ସନ୍ତୋଷ କାନ୍ତ ଓଷ୍ଟା ଜିଲ୍ଲା ସଭାପତି , ମୁଖ୍ୟବକ୍ତା ଚିତ୍ତୋରଞ୍ଜନ ପଳତା ଜିଲ୍ଲା ଓଷ୍ଟା ସମ୍ପାଦକ, ସମ୍ମାନନୀୟ ଅତିଥି ଦେବରାଜ ନାୟକ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ, ସହଦେବ ବେହେରା ବ୍ଲକ ସଂପାଦକ, ଦୟାନିଧି ମହାନ୍ତ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର ପ୍ରଥମ , ଦ୍ୱିତୀୟ ଓ ତୃତୀୟ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶିଶୁମାନଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମକୁ ବର୍ଷରେ ଦୁଇଥର ବିଭିନ୍ନ ବିଦ୍ୟାଳୟରେ କରିବା ପାଇଁ ଓଷ୍ଟାକୁ ଅତିଥିବୃନ୍ଦ ଅନୁରୋଧ କରିଥିଲେ ।ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ତଥା ଛେଳିଆ ଉନ୍ନୀତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅନ୍ୟ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ । ପ୍ରତ୍ୟେକ ବିଭାଗର ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ୧୬.୧୨.୨୩ ତାରିଖରେ ଜିଲ୍ଲା ସ୍ତରୀୟ ଶିଶୁ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି । ସର୍ବଶେଷରେ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରଧାନ ଶିକ୍ଷକ ଦୁର୍ଗାପୁର ଉଚ୍ଚବିଦ୍ୟାଳୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo